## ମିନି ଟ୍ରକ୍ ଚୋରି ଅଭିଯୋଗ

**ବାଲିଚନ୍ଦ୍ରପୁର, ୧୮।୭ (ସମିସ):** ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଲାଇ ପଞ୍ଚାୟତର ମାତକାତପୁର ଗ୍ରାମର ଇସ୍ରାଏଲ ଖାନଙ୍କ ମିନିଟ୍ରକ୍ ୧୬ ତାରିଖ ରାତିରେ କେହି ଦୁର୍ବୃତ୍ତ ଚୋରି କରିନେଇଛି। ସବୁଦିନ ଭଳି ମାଲିକ ଗାଡ଼ିକୁ ରାତି ୧୧ଟାବେଳେ ଦାଣ୍ଡରେ ଠିଆ ହୋଇଥିବା ଦେଖିଥିଲେ। ୧୭ ତାରିଖ ସକାଳୁ ଗାଡ଼ି ନ ଥିବା ଦେଖିବାକୁ ପାଇଥିଲେ। ସେ ଏହାପରେ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ପରେ ବାଲିଚନ୍ଦ୍ରପୁର ଥାନାରେ ଏ ସଂକ୍ରାନ୍ତରେ ଏତଲା ଦେଇଛନ୍ତି। ବାଲିଚନ୍ଦ୍ରପୁର ଥାନା ପକ୍ଷରୁ ୩୯ ୯/୨୦୨୪ରେ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାଯାଇଛି।

## ଟମକା ଅଞ୍ଚଳରେ ବ୍ୟାପକ ମଦ କାରବାର

**ଟମକା, ୧୮।୭ (ସମିସ):** ସ୍ଥାନୀୟ ଥାନା ଅଞ୍ଚଳର ବିଭିନ୍ନ ଛକ ଓ ବଜାର ସହିତ ଗ୍ରାମାଞ୍ଚଳରେ ଦିନକୁ ଦିନ ଚୋରାରେ ଦେଶୀ ବିଦେଶୀ ମଦ ଅଧିକ ମାତ୍ରାରେ ବିକ୍ରି ହେଉଥିବା ପରିଲକ୍ଷିତ ହେଉଛି। ଅବକାରୀ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଏବେ ବ୍ୟାପକ ଭାବେ ମଦ କାରବାର ହେଉଛି। ଥାନାଠାରୁ ମାତ୍ର ୩୦୦ ମିଟର ଟମକା ଛକରେ ଥିବା କେତେକ ଦୋକାନରେ ଚୋରାମଦ କାରବାର ଚାଲୁଛି। ତତ୍‌ସହିତ ଦେଉଳକଣ, କିଆଝର, ନଛିପୁରା, ଉଚ୍ଚବାଲି, ଚିତ୍ରୀ, ଗୋବର୍ଦ୍ଧନପୁର ଓ ବାଙ୍ଗରକୋଟା ପଞ୍ଚାୟତର ଛକରେ ନକଲି ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏ ଅଞ୍ଚଳରେ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେବା ସହିତ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଏହି ଅଞ୍ଚଳରେ ମଦ ଯୋଗୁଁ ଅନେକ ଗ୍ରାମରେ ଅଳ୍ପ ବୟସରେ ଯୁବକମାନେ ମୃତ୍ୟୁବରଣ କରୁଛନ୍ତି ତ ଆଉ କିଛି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ନୃତ୍ୟଗୁରୁଙ୍କ ଆମେରିକା ଗସ୍ତ



**ଦଶରଥପୁର, ୧୮।୭ (ସମିସ):** ଜାତୀୟ ଖ୍ୟାତି ସମ୍ପନ୍ନ ନୃତ୍ୟଗୁରୁ ତଥା ବିରଜା କଲଚରାଲ ଏକାଡ଼େମୀର ପ୍ରତିଷ୍ଠାତା ଗୁରୁ ଆଶିଷ କୁମାର ଦାସ ସୁଦୂର ଆମେରିକାର ଟେକ୍‌ସାସ୍ ଫ୍ରିସ୍‌କୋ ସହରସ୍ଥ ରିଦିମ୍ ଏଣ୍ଡ ଗ୍ରୁପ୍ ଡ୍ୟାନିସ ଏକାଡ଼େମୀ ପ୍ରତିଷ୍ଠାନର ସ୍ୱତନ୍ତ୍ର ନିମନ୍ତ୍ରଣ କ୍ରମେ ୧୫ ଦିନ ବ୍ୟାପି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚଳିତ ମାସ ୨୨ ତାରିଖରେ ଆମେରିକା ଯାତ୍ରା କରିବେ। ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ରାମବାଗ ଅଞ୍ଚଳର ବାସିନ୍ଦା ଗୁରୁ ଆଶିଷ ଦାସ ଆମେରିକାରେ ନୃତ୍ୟ ପ୍ରଦର୍ଶନ ଓ କର୍ମଶାଳାରେ ଭାରତୀୟ ସଂସ୍କୃତି ଓ ନୃତ୍ୟ ଉପରେ ବିଶେଷ ଉପସ୍ଥାପନା କରିବାର କାର୍ଯ୍ୟକ୍ରମ ରହିଛି।

## କନିକାପଡ଼ାରେ ବିଜେପିର ସମୀକ୍ଷା ବୈଠକ



**ଦଶରଥପୁର, ୧୮।୭ (ସମିସ):** ଦଶରଥପୁର ବ୍ଲକ କନିକାପଡ଼ା ପଞ୍ଚାୟତ ଦିହୁଡ଼ିସାହିସ୍ଥ ଶକ୍ତି ମଣ୍ଡପରେ ବିଜେପି ପକ୍ଷରୁ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ଜୋନ୍‌ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୬ନଂ ଜୋନ୍ ସଭାପତି ଅଧର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ଜିଲ୍ଲା ବିଜେପି ସଭାପତି ଗୌତମ ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚଳିତ ସାଧାରଣ ନିର୍ବାଚନରେ ଜୋନ୍ ସ୍ତରରେ ଭାରତୀୟ ଜନତା ପାର୍ଟିକୁ ମିଳିଥିବା ଜନସମର୍ଥନ ଉପରେ ବିଶେଷ ଆଲୋଚନା କରିଥିଲେ। ସେହିପରି ବରିଷ୍ଠ ବିଜେପି ନେତା ରମେଶ ସାମଲ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁବାସ ଚନ୍ଦ୍ର ମହାନ୍ତି, କନିକାପଡ଼ା ସଭାପତି ସୁମନ୍ତ ମହାପାତ୍ର, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ମଲ୍ଲିକ, ଯୁବମୋର୍ଚ୍ଚା ସମ୍ପାଦକ ସତ୍ୟଜିତ୍ ସାମଲ, ଇନ୍ଦ୍ରଜିତ୍ ଦାସ, ଚିତ୍ତରଞ୍ଜନ ସାମଲ, ସବ୍ୟସାଚୀ ଦାସ ପ୍ରମୁଖ ଦଳର ସାଂଗଠନିକ ସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ।

### ପରିବା ଦର ଆକାଶଛୁଆଁ

# କେମିତି ଚାଲିଛି ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନଭୋଜନ

**ମଇନ୍ଦା, ୧୮।୭ (ସମିସ)**

କେନ୍ଦ୍ର ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ପୋଷଣଯୁକ୍ତ ଖାଦ୍ୟ ଯୋଗାଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ସ୍ତରରେ ୪୯୩.୦୩ କ୍ୟାଲୋରୀର ୧୩.୮ ପୁଷ୍ଟିକର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୨୮.୬୭ କ୍ୟାଲୋରୀ ୨୦.୫ଗ୍ରାମ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ବିଦ୍ୟାଳୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦିନକୁ ଦିନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି। ବଜାରରେ ପନିପରିବା ଦର ଏବେ ଆକାଶଛୁଆଁ ହୋଇଛି। ଯାହାର ସିଧାସଳଖ ପ୍ରଭାବ ମଧ୍ୟାହ୍ନ ଭୋଜନ ଉପରେ ପଡ଼ିଛି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ ଚାଉଳ, ଡାଲି, ଶୋୟା, ଅଣ୍ଡା, ପନିପରିବା, ଲୁଣ, ତେଲ ଓ କାଠ ନିହାତି ଆବଶ୍ୟକ। ଏହି ସାମଗ୍ରୀର ଦର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ବଜାରରେ କଞ୍ଚା ପରିବା ଦର ହୁହୁ ହୋଇ ବଢୁଛି। ଟମାଟୋ ୮୦, ବାଇଗଣ ୭୦, ପୋଟଳ ୪୦, ବୋଇତାଳୁ ୩୦, କାଙ୍କଡ ୮୦, ଝୁଡଙ୍ଗ ୧୨୦, ସଜନା ଛୁଇଁ ୧୫୦ ଟଙ୍କା ରହୁଥିବାବେଳେ ବର୍ତ୍ତମାନ ଅଣ୍ଡାର ବଜାର ଦର ୭.୫୦ ପଇସା ରହିଛି। ହରଡ ଡାଲି ୧୮୦, ଶୋୟା ବଡ଼ି ୧୪୦ ଟଙ୍କା ରହିଛି। ସରକାରୀ ସ୍ତରରେ ଏସବୁ ଜିନିଷ ବାବଦକୁ ମଞ୍ଜୁର ହୋଇଥିବା ଅର୍ଥ ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଆଣିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପ୍ରାଥମିକ ବିଦ୍ୟାଳୟର ପ୍ରତି ପିଲା ମୁଣ୍ଡପିଛା ଚାଉଳ ୧୦୦ ଗ୍ରାମ, ଡାଲି ୨୦ ଗ୍ରାମ, ତେଲ ୫.୫ ଗ୍ରାମ, ପନିପରିବା ୮୦ ଗ୍ରାମ ହିସାବରେ ପ୍ରତିଦିନ ଦିଆଯାଇଥାଏ। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଚାଉଳ ୧୫୦ ଗ୍ରାମ, ଡାଲି ୩୦ ଗ୍ରାମ, ତେଲ ୭.୫ ଗ୍ରାମ, ଶୋୟା ୧୨ ଗ୍ରାମ, ପନିପରିବା ୧୦୦ ଗ୍ରାମ ହିସାବରେ ପ୍ରତିଦିନ ଦିଆଯାଇଥାଏ। ବିଗତ ବର୍ଷମାନଙ୍କର ଅନୁଦାନ ରାଶିକୁ ଲକ୍ଷ୍ୟ କଲେ ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ପ୍ରତି ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପିଛା ୪.୦୪ ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲା ପିଛା ୬.୦୩ ଟଙ୍କା ଦିଆଯାଉଥିଲା। ୨୦୧୬-୧୭ ଜୁଲାଇ ମାସରୁ ଏହା ବୃଦ୍ଧି ପାଇ ୪ ଟଙ୍କା ୫୮ ପଇସା ଓ ୬ଟ ୮୩ ପଇସା ହୋଇଥିଲା। ଯାହାକି ୨୦୧୮ ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ ବଳବତ୍ତର ଥିଲା। ସରକାର ୨୦୧୮ ଡିସେମ୍ବର ୧ ତାରିଖରୁ ଏହି ଦରରେ ପରିବର୍ତ୍ତନ କରି ପ୍ରାଥମିକ ବିଦ୍ୟାଳୟ ପିଲାପିଛା ୪.୮୦ପ. ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପିଲାପିଛା ୭.୧୬ପ ରଖିଥିଲେ। ୨୦୧୯ ଜୁଲାଇ ମାସରୁ ପ୍ରାଇମେରୀ ୪.୯୩ ପ ଓ ଅପରପ୍ରାଇମେରୀ ୭.୩୬ ରଖିଥିଲେ। ଏହାକୁ ଦେଖିଲେ ସରକାର ପ୍ରତି ୮/୭ ମାସ ଭିତରେ ୨୦ରୁ ୪୦ ପଇସା ବୃଦ୍ଧି କରିଛନ୍ତି। ୨୦୨୨ ଅକ୍ଟୋବର ମାସରୁ ପ୍ରାଇମେରୀ ସ୍କୁଲ ପିଲାପିଛା ୫.୯୦ପ. ଓ ଅପରପ୍ରାଇମେରୀ ସ୍କୁଲ ପିଲାପିଛା ୮.୮୨ପ ରଖିଛନ୍ତି। ଯାହାକି ପୂର୍ବରୁ ଥିବା ପ୍ରାଇମେରୀ ସ୍କୁଲ୍ ପିଲା ପିଛା ଦର ଅପେକ୍ଷା ମାତ୍ର ୪୮ ପଇସା ବୃଦ୍ଧି ପାଇଥିବାବେଳେ ଅପର ପ୍ରାଇମେରୀ ସ୍କୁଲ୍ ପିଲା ପିଛା ୭୨ ପଇସା ବୃଦ୍ଧି ପାଇଥିଲା।











ଇତିମଧ୍ୟରେ ୨୧ ମାସ ବିତିଯାଇଥିଲେ ସୁଦ୍ଧା ମଧ୍ୟାହ୍ନ ଭୋଜନ ଅର୍ଥରେ କୌଣସି ପରିବର୍ତ୍ତନ ସରକାର ଆଣିନଥିବାରୁ ବର୍ତ୍ତମାନ ବଜାର ଦରକୁ ଲକ୍ଷ୍ୟ କଲେ ଏତିକି ମୂଲ୍ୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ଏଥିସହିତ ଲୁଣ, କାଠ ଆଦି ଜିନିଷର ଆବଶ୍ୟକତା ରହିଛି। ବିଭିନ୍ନ ବିଦ୍ୟାଳୟରେ ଏହି ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତ କେଉଁଠି ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏବାବଦକୁ ଆସୁଥିବା ଖର୍ଚ୍ଚ ପ୍ରତିମାସ ମିଳିପାରୁ ନ ଥିବାରୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ବା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ସାମଗ୍ରୀ ବାକିରେ ଆଣିବାକୁ ବାଧ୍ୟ ହେଉଛନ୍ତି। କେବଳ ଚାଉଳ ସରକାର ଯୋଗାଇ ଦିଅନ୍ତି। ଏ ନେଇ ଅନେକ ସମୟରେ ନାନାଦି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାର ପରିଲକ୍ଷିତ ହେଉଛି। ତତ୍‌ସହିତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ଆସୁଥିବା ଅର୍ଥରେ ଉତ୍ତମ ଖାଦ୍ୟ ପ୍ରସ୍ତୁତ ହେବା ସମ୍ଭବପର ହେଉ ନ ଥିବାରୁ ପିଲାଙ୍କ ଉପସ୍ଥାନରେ ତାଳମେଳ ରହୁ ନ ଥିବା ପରିଲକ୍ଷିତ ହେଉଛି। ଯେଉଁଥିପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକଙ୍କୁ ଅପବାଦ ଶୁଣିବାକୁ ମିଳୁଛି। ଏହି ମୂଲ୍ୟକୁ ନେଇ ବିଂଝାରପୁର ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାର ଯାହା ଦେଉଛନ୍ତି ଆମେ ତାହା କରୁଛୁ। ଆମ ଶିକ୍ଷକ ଯଥା ସମ୍ଭବ ପୁଷ୍ଟିକର ଖାଦ୍ୟ ପରିବେଷଣ କରୁଛନ୍ତି। ଏହି ମୂଲ୍ୟକୁ ନେଇ ବିଂଝାରପୁର ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପଚାରିବାରୁ ସେମାନେ ନିଜର କ୍ଷୋଭ ଓ ଅସହାୟତା ପ୍ରକାଶ କରିଛନ୍ତି।

### ସୁକିନ୍ଦା ଖଣି ଅଞ୍ଚଳରେ ରାଜନୀତି ସରଗରମ

## ଗଡ଼ ଦଖଲ ଓ ବଞ୍ଚାଇବାକୁ ଚାଲିଛି ଛକପଞ୍ଝା

**କାଳିଆପାଣି, ୧୮।୭ (ସମିସ)**

ସୁକିନ୍ଦା ଖଣି ଅଞ୍ଚଳ ଏବେ ରାଜନୀତି ଦୃଷ୍ଟିରୁ ଚଳଚଞ୍ଚଳ ହୋଇଛି। ନୂଆ କରି ନିର୍ବାଚିତ ହୋଇଥିବା ସୁକିନ୍ଦା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଖଣି ଅଞ୍ଚଳରେ ନିଜ ସଂଗଠନ ସୁଦୃଢ଼ କରିବା ଆରମ୍ଭ କରିଥିବାବେଳେ ଅନ୍ୟପଟେ ଗଡ଼ ବଞ୍ଚାଇବା ପାଇଁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ। ୩ ଦଶନ୍ଧି ଧରି ସୁକିନ୍ଦାରେ ନିର୍ବିରୋଧ ଶାସନ କରିଥିବା ଘଡ଼ାଇ ପରିବାର ଏବେ ଖଣି ଅଞ୍ଚଳରେ ନିଜର ଅସ୍ତିତ୍ୱ ବଞ୍ଚାଇ ରଖିବାକୁ ଆପ୍ରାଣ ଉଦ୍ୟମ ଚଳାଇଛି।

ଗତ ୩ ସପ୍ତାହଠାରୁ ନିଜର ସମର୍ଥକଙ୍କ ସହିତ ଗାଁ ଗାଁ ବୁଲି ଲୋକଙ୍କ ସମସ୍ୟା ବିଷୟରେ ବୁଝାବୁଝି କରୁଥିବାର ଦେଖିବାକୁ ମିଳିଛି। ଏଥିରେ ଲୋକମାନେ ଜଡିତ ହେଉଥିବାର ମଧ ଦେଖାଯାଉଛି। ଅନ୍ୟପକ୍ଷରେ ନୂତନ ସରକାରରେ ମନ୍ତ୍ରୀ ପଦ ପାଇଥିବା ପ୍ରଦୀପ ବଳସାମନ୍ତ ଖଣି ଅଞ୍ଚଳରେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି। ଏଠାରେ କର୍ଯ୍ୟରତ ଖଣି ଶ୍ରମିକଙ୍କ ସମସ୍ୟା କିଭଳି ସମାଧାନ କରିହେବ, ସେଥିପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବାରେ ଗୁରୁତ୍ୱ ଦେଉଛନ୍ତି। ଏଠାରେ ପ୍ରଭାବଶାଳୀ ଶ୍ରମିକ ସଂଗଠନ କହିଲେ କେବଳ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘକୁ ବୁଝାଉଥିଲା। ତାହାର ପ୍ରଭାବ କମି କମି ଯାଉଥିବା ପରିଲକ୍ଷିତ ହେଉଛି। ଏହି ଶ୍ରମିକ ସଂଗଠନରେ ସାମିଲ କିଛି ଶ୍ରମିକ ବର୍ତ୍ତମାନ ପଟ ପରିବର୍ତ୍ତନ କରିବାକୁ ଆଗଭର ହେଉଥିବା ଦେଖିବାକୁ ମିଳିଛି।

ଇତିମଧ୍ୟରେ ଟାଟା କମ୍ପାନୀର ତିନୋଟି ଖଣି ମଧ୍ୟରୁ ଗୋଟିଏ ଖଣିର ସମସ୍ତ ଶ୍ରମିକ ପଟ ପରିବର୍ତ୍ତନ କରିସାରିଥିବାବେଳେ ଅନ୍ୟମାନେ ସମୟକୁ ଅପେକ୍ଷା କରିଥିବା କହିଛନ୍ତି। ସେହିପରି ଇମ୍ଫା କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରେ ମଧ୍ୟ ଫାଟ ସୃଷ୍ଟି ହେବାରେ ଲାଗିଛି। କିଛି ଶ୍ରମିକ ପ୍ରଦୀପ ବଳସାମନ୍ତଙ୍କ ନୂତନ ସଂଗଠନ ପ୍ରତି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳୁଥିବାବେଳେ ଅନ୍ୟମାନେ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପ୍ରତି ଆସ୍ଥା ଜାରି ରଖିଛନ୍ତି। ତେଣେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଖଣି ଅଞ୍ଚଳକୁ ଆସନ୍ତା ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବିକଶିତ କରି ଗଢିତୋଳିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିବା ଶୁଣିବାକୁ ମିଳିଛି।

### ବିଂଝାରପୁର ବ୍ଲକ୍‌ରେ ମହାପୁରୁଷଙ୍କୁ ଅସମ୍ମାନ

## ଦେଖି ବି ଅଣଦେଖା କରୁଛି ପ୍ରଶାସନ

**ବିଞ୍ଝାରପୁର, ୧୮।୭ (ସମିସ):** ଦେଶକୁ ସ୍ୱାଧୀନ କରିବାରେ ଯେଉଁମାନଙ୍କ ଅବଦାନ ଥିଲା, ତାହା ଭାରତର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେମାନଙ୍କ ମଧ୍ୟରେ ଗାନ୍ଧିଜୀ ଅନ୍ୟତମ। ଜାତିର ପିତା ଭାବେ ତାଙ୍କୁ ଏ ଜାତି ମଥାରେ ବହନ କରି ଚାଲିବାରେ ଗୌରବ ଅନୁଭବ କରେ। ମାତ୍ର ବିଂଝାରପୁରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜାତିର ପିତାଙ୍କୁ ଅସମ୍ମାନ କରାଯାଉଛି। ପ୍ରଶାସନ ଦେଖି ବି ଅଣଦେଖା କରୁଥିବା ଅଭିଯୋଗ ହେଉଛି।

ବିଂଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ତଥା ଗ୍ରାମ ସଂଲଗ୍ନ ଖରସ୍ରୋତା ନଦୀବନ୍ଧ କଡ଼ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା। ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ତଥା ବର୍ତ୍ତମାନର ବିଧାୟିକା ପ୍ରମିଳା ମଲ୍ଲିକ ଏହାର ଉଦଘାଟନ କରିଥିଲେ। ଉଦଘାଟନର ମାତ୍ର କେଇଟା ଦିନ ମଧ୍ୟରେ ପ୍ରଥମେ ପ୍ରତିମୂର୍ତ୍ତିର ଗୋଟିଏ ହାତ କହୁଣୀ ପାଖରୁ ଭାଙ୍ଗିଯାଇଥିଲା। ଏବେ ଦୁଇଟି ହାତ ସହ ଚଷମା ଭାଙ୍ଗିଗଲାଣି। ନଦୀବନ୍ଧଟି ପୂର୍ତ୍ତ ବିଭାଗ ଦ୍ୱାରା ପ୍ରଶସ୍ତିକରଣ ହୋଇଥିବାରୁ ଦୈନିକ ହଜାର ହଜାର ଲୋକଙ୍କ ଏହି ଅବହେଳିତ ଗାନ୍ଧୀଙ୍କ ମୂର୍ତ୍ତି ଉପରେ ପଡୁଥିବାବେଳେ ଏହା ପ୍ରତ୍ୟେକଙ୍କୁ ବ୍ୟଥିତ କରୁଛି। ପ୍ରତିମୂର୍ତ୍ତି ସ୍ଥାପନ କରିଥିବା ବ୍ୟକ୍ତି ବା ଅନୁଷ୍ଠାନ ପକ୍ଷରୁ କୌଣସି ପ୍ରତିକ୍ରିୟା ଲକ୍ଷ୍ୟ କରାଯାଉନାହିଁ। ପଞ୍ଚାୟତର ସରପଞ୍ଚ ବା ପିଆରଆଇର କୌଣସି ବ୍ୟକ୍ତି ପଦକ୍ଷେପ ନେବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବ୍ଲକ, ତହସିଲ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟର ଦୂରତ୍ୱ ପ୍ରତିମୂର୍ତ୍ତିଠାରୁ ମାତ୍ର ଦେଢ଼ରୁ ଦୁଇଶହ ମିଟର ହୋଇଥିଲା ହେଁ ବିଡିଓ, ତହସିଲଦାର ବା ଅନ୍ୟକୌଣସି ପଦାଧିକାରୀ ଏପରି ଏକ ସମ୍ବେଦନଶୀଳ ଘଟଣାରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହି ଭଗ୍ନ ପ୍ରତିମୂର୍ତ୍ତିର ମରାମତି କରାଯାଉ ଅଥବା ଏହାକୁ ସ୍ଥାନାନ୍ତର କରାଯିବାକୁ ସାଧାରଣରେ ଦାବି ହେଉଛି। ସ୍ଥାନୀୟ ପ୍ରଶାସନ ଯଦି ଏ ଦିଗରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ ନ କରନ୍ତି, ଏ ଦିଗରେ ପ୍ରଶାସନ ବିରୁଦ୍ଧରେ ଆଇନଗତ ଓ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଚେତନଶୀଳ ନାଗରିକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବିଜେପିର ନିର୍ବାଚନ ସମୀକ୍ଷା ବୈଠକ



ବିଂଝାରପୁର, ୧୮।୭(ସମିସ): ଆଜି ପୂର୍ବାହ୍ନରେ ସିଂହପୁରସ୍ଥ ନାହାକାଣୀ କଲ୍ୟାଣ ମଣ୍ଡପରେ ବିଂଝାରପୁର ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେପି ଦଳର ନିର୍ବାଚନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପିର ପ୍ରାକ୍ତନ ସଭାପତି ସମୀର ମହାନ୍ତି ଯୋଗଦେଇ ବିଜେପି ଦଳର ଭୋଟ ପ୍ରତିଶତ ଆଶାତୀତ ଭାବେ ଏହି ନିର୍ବାଚନ ମଣ୍ଡଳୀରେ ବଢ଼ିବା ସହିତ କଡ଼ା ଟକ୍କର ହୋଇଥିବାରୁ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଂଝାରପୁରବାସୀ ନିର୍ଭୀକ ମତଦାନ କରିଥିବାରୁ ବିଂଝାରପୁର ଭୋଟର ଭାଇ ଓ ଭଉଣୀଙ୍କୁ ସାଧୁବାଦ ଜଣାଇଥିଲେ। ଆମ ଦଳ ୧୩୯ ବୁଥ୍‌ରେ ଅଧିକ ଭୋଟ ପାଇଥିବାବେଳେ ବିଜେଡି ମାତ୍ର ୧୦୧ ବୁଥ୍‌ରେ ଅଧିକ ଭୋଟ ପାଇ କିଭଳି ଆମ ଦଳ ହାରିଲା ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ସଂଖ୍ୟାଲଘୁ ବୁଥ୍‌ରେ ବୁଥ୍ ଜବରଦଖଲ ଯୋଗୁଁ ଫଳ ଆମ ବିପକ୍ଷରେ ଗଲା ବୋଲି ସୂଚନା ଦେଇଥିଲେ। କର୍ମୀ ହତାଶ ନ ହୋଇ ଦଳକୁ ତୃଣମୂଳ ସ୍ତରରୁ ସୁସଂଗଠିତ କରି ଆଗାମୀ ଦିନରେ ଆମ ଡବଲ ଇଞ୍ଜିନ ସରକାରର ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଅନ୍ୟତମ ଅତିଥି ଭାବେ ଯାଜପୁରର ସାଂସଦ ଡଃ ରବିନାରାୟଣ ବେହେରା, ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ବବିତା ମଲିକ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ରାଜ୍ୟ ଓବିସି ସେଲ୍‌ଫ ଉପସଭାପତି ସୁକାନ୍ତ ବିଶ୍ୱାଳ, ବରିଷ୍ଠ ବିଜେପି ନେତା ନିରଞ୍ଜନ ବେଉରିଆ, ପୁରୁଷୋତ୍ତମ ବେହେରା, ଅଟଳ ନାୟକ, ଜୟ ବେହେରା, ଭୁବନାନନ୍ଦ ସାମଲ, ବଳରାମ ବଳ, ସୁଶାନ୍ତ ସାମଲ, ଦୀନବନ୍ଧୁ ଦାସ, ଗୋପୀନାଥ ଜେନା ପ୍ରମୁଖ ଯୋଗଦେଇ ମତପୋଷଣ କରିଥିଲେ। ବୈଠକରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ଆଗଧାଡ଼ି କର୍ମୀ, ବୁଥ୍ ସଭାପତି, ଶକ୍ତିକେନ୍ଦ୍ର ସଭାପତି, ଜୋନ ସଭାପତି ଯୋଗ ଦେଇଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସିଂହପୁର, ୧୮।୭ (ସମିସ):** ଇଶାନେଶ୍ୱର ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୋଲକ ବିହାରୀ ନାୟକଙ୍କୁ ଚରପଡ଼ାସ୍ଥ ବୀଣାପାଣି ବିଦ୍ୟାମନ୍ଦିର ପରିସରରେ ଉତ୍କଳମଣି ସେବା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସଞ୍ଜୟ କୁମାର ସାମଲ, ମୁଖ୍ୟବକ୍ତା ଶିକ୍ଷକ ନିରଞ୍ଜନ ବେହେରା, ନଚ୍ଛେନ୍ଦ୍ର ବଳ, ବଟକୃଷ୍ଣ ପଣ୍ଡା, ସୁରେଶ ଚନ୍ଦ୍ର ବିଶ୍ୱାଳ, ରତିକାନ୍ତ ଦାସ, ନିରଞ୍ଜନ ବେହେରା, ବ୍ରଜକିଶୋର ରାଉତ, ରଘୁନାଥ ପଣ୍ଡା, ଶ୍ରୀନିବାସ ପଣ୍ଡା, ନିତ୍ୟାନନ୍ଦ ନାୟକ, ସାମ୍ବାଦିକ ଶିବରାମ ଦାସ, ସରୋଜ କୁମାର ମହାନ୍ତି, ଦେଉଳତରା ସରପଞ୍ଚ ସଞ୍ଜୟ କୁମାର ପଣ୍ଡା ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମେ ଗୋଲକ ସାର୍‌ଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥିଙ୍କୁ ମଞ୍ଚକୁ ଅନୁଷ୍ଠାନର ସଦସ୍ୟ ସୁଦାମ ଚରଣ ଦାସ ପାଛୋଟି ନେଇଥିଲେ। ମିତ୍ରଭାନୁ ସାମନ୍ତସିଂହାର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲୋତକବିନ୍ଦୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଗୁରୁଜୀ ଅଶୋକ ରାଉତ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଜୟଶ୍ରୀ ଦାଶ, ସ୍ୱର୍ଣ୍ଣପ୍ରଭା ବଳ, ପୂର୍ଣ୍ଣସ୍ମିତା ବାରିକ, ବୈଶାଖୀ ଦାଶ, ଲିସାରାଣୀ ଜେନା ଯୋଗ ଦେଇଥିଲେ।

### ନିଅଣ୍ଟିଆ ବର୍ଷା

# ଧାନଚାଷକୁ ନେଇ ଚିନ୍ତାରେ ଚାଷୀକୁଳ

**କୋରେଇ, ୧୮।୭ (ସମିସ)**

ଆଷାଢ ସରି ଶ୍ରାବଣ ହେଲା। ହେଲେ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଆଗେଇ ପାରୁନି। ଚଳିତ ବର୍ଷ ଉଜୁଡ଼ିଯିବ କି ଧାନଚାଷ। ଏହାକୁ ନେଇ ଚିନ୍ତାରେ ପଡ଼ିଲେଣି ଚାଷୀକୂଳ। ପାଣି ଅଭାବ ଯୋଗୁଁ ଚାଷୀ ହତାସ ହୋଇପଡ଼ିଲେଣି। ଚାଷ ଜମି ପଡ଼ିଆ ପଡ଼ିବା ସହ ଗାଇଗୋରୁ ଚରୁଥିବା ଦେଖିବାକୁ ମିଳିଛି। ସ୍ଥାନେ ସ୍ଥାନେ ଜମି ଫାଟି ଆଁ କଲାଣି। ଆବଶ୍ୟକ ଅନୁଯାୟୀ ବର୍ଷା ହେଉ ନ ଥିବାରୁ ଚାଷୀର ଆଶା ଦିନକୁ ଦିନ ମଉଳି ଯାଉଛି। ଏଭଳି ପରିସ୍ଥିତି ଯାଜପୁର ଜିଲ୍ଲା କୋରେଇ ଅଞ୍ଚଳରେ ଦେଖିବାକୁ ମିଳିଲାଣି।



ସାଧାରଣତଃ କୋରେଇ ଅଞ୍ଚଳର ଚାଷୀ ଖରିଫ ଧାନ ଚାଷ ଉପରେ ନିର୍ଭରଶୀଳ। ଏଠାରେ ୧୮ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷ ଉପଯୋଗୀ ଜମି ଥିବାବେଳେ ଚାଷ ପାଇଁ ଜଳସେଚନର ସୁବିଧା ନାହିଁ। ତେଣୁ ଅଧିକାଂଶ ଚାଷୀ ଚାଷ କାର୍ଯ୍ୟ ପାଇଁ ବର୍ଷା ଉପରେ ନିର୍ଭର କରନ୍ତି। ପ୍ରାୟ ୨୫ ପ୍ରତିଶତ ଜମିରେ ରଜ ପୂର୍ବରୁ ଧାନ ବୁଣାଯାଇଥାଏ। ଚଳିତ ବର୍ଷ ବର୍ଷା ଅଭାବରୁ ବୁଣା କାର୍ଯ୍ୟ ସମ୍ଭବ ହୋଇପାରିନାହିଁ। ତଳି ପକାଇ ଧାନ ଚାଷ କରିବାକୁ ବର୍ଷାକୁ ଚାହିଁ ବସିଛି ଚାଷୀ। କେତେବେଳେ କେମିତି ଝିପିଝିପି ବର୍ଷା ହେଉଛି। ତାହା ସମୁଦ୍ରକୁ ଶଙ୍ଖେ। ଏହା ଚାଷ କାମରେ ଲାଗୁନି। ଏ ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପ୍ରତିବର୍ଷ ପ୍ରକଳ୍ପ ନିର୍ମାଣ ହେଉଛି।। ତାହା ଚାଷୀଙ୍କ କାମରେ ଲାଗୁ ନ ଥିବାରୁ କ୍ଷୋଭ ପ୍ରକାଶ ପାଉଛି। କିଛି ଜମିରେ ଏଲ୍‌ଆଇ ପଏଣ୍ଟ ଥିଲେ ମଧ୍ୟ କେଉଁଠି ଅଚଳ ହୋଇ ପଡ଼ିଛି ତ କେଉଁଠି ଲାଇନ୍ ନ ଥିବାରୁ ତାହା ଚାଲୁନାହିଁ। ଏଣୁ କଷ୍ଟେମଷ୍ଟେ କିଛି ଚାଷୀ ତଳି ପକାଇଛନ୍ତି। କିନ୍ତୁ ବର୍ଷା ଅଭାବ ହେତୁ ତଳି ବଞ୍ଚାଇବା ପାଇଁ କିଏ ବାଲ୍‌ଟି ଧରି ପାଣି ସିଞ୍ଚନ କରୁଛି ତ କିଏ ମଟର ଲଗାଇ ପାଣି ମଡ଼ାଉଛି। ଏପରି ସ୍ଥଳେ ଚାଷୀ ଆଶା ଓ ଆଶଙ୍କାରେ ଗତି କରୁଥିବାବେଳେ ଏ ଅଞ୍ଚଳର ଜମି ପଡ଼ିଆ ପଡ଼ିଛି। ସ୍ଥାନେ ସ୍ଥାନେ ଶୁଖି ଫାଟିଗଲାଣି। ଯାହାଦ୍ୱାରା ଚାଷ ଜମି ପାଲଟିଛି ଗୃହପାଳିତ ପଶୁଙ୍କ ଚାରଣ ଭୂମି। ଯଦି ଲଗାଣ ବର୍ଷା ନ ହୁଏ, ତେବେ ପକାଯାଇଥିବା ତଳି ନଷ୍ଟ ହୋଇଯିବା ସହିତ ଚାଷ କାର୍ଯ୍ୟ ସମ୍ଭବ ହେବନାହିଁ ବୋଲି ଏ ଅଞ୍ଚଳର ଚାଷୀ ଦୁଃଖର ସହିତ ପ୍ରକାଶ କରିଛନ୍ତି।

ଭଦ୍ରକ ରାଇମଣି ଟ୍ରିପିଲ୍ ମର୍ଡର ମାମଲା

# ଏନ୍ଏଚ୍ଆର୍ସିଙ୍କ ପକ୍ଷରୁ ଜିଲ୍ଲାପାଳ ଓ ଏସ୍ପିଙ୍କୁ ରିପୋର୍ଟ ତଲବ

ଭଦ୍ରକ, ୧୮ ।୭ (ସମିସ)

ଭଦ୍ରକର ବହୁଚର୍ଚ୍ଚିତ ରାଇମଣି ଛକ ମା, ଝିଅ ଓ ଆଇ ଟ୍ରିପିଲ ମର୍ଡର ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ପକ୍ଷରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍ପି ବରୁଣ ଗୁଣ୍ଟୁପାଲିଙ୍କୁ ଅବଗତ କରାଇ ଭାରତର ରିଜର୍ଭ ବ୍ୟାଙ୍କର ଏକ ପୋଷ୍ୟ ଗ୍ରାମରେ ହେଉଥିବା ୩ ଜଣ ଆଦିବାସୀ ମହିଳାଙ୍କ ହତ୍ୟା ମାମଲାରେ କିଭଳି କାର୍ଯ୍ୟାନୁଷ୍ଠାନ (ଏଟିଆର) ନିଆଯାଇଛି, ତାହାର ରିପୋର୍ଟ ତଲବ କରିଛନ୍ତି। ସୁପ୍ରିମକୋର୍ଟ ଆଇନଜୀବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନ ଉପରେ ଏହି ଆଦେଶ ହୋଇଥିବାର ଜଣାପଡ଼ିଛି। ସୂଚନାଯୋଗ୍ୟ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ବରପଦା ରାଇମଣି ଛକ ନିକଟରୁ ଗତ ଜୁନ୍ ମାସ ୧୯ ତାରିଖରେ ଜଳଙ୍ଗା ଗ୍ରାମନିବାସୀ ରାଜୁ ମୁଣ୍ଡା ନିଜ ପତ୍ନୀ ସୁକାନ୍ତି ଓ ୮ ବର୍ଷର ନାବାଳିକା ଝିଅ ମିନି ସହ ରାଇମଣି ଛକ ନିକଟସ୍ଥ ଗଦାଧର ମହାପାତ୍ରଙ୍କ ଘରପାଖରେ ରହି ସ୍ଥାନୀୟ ଅଞ୍ଚଳରେ କାମଧନ୍ଦା କରୁଥିଲା। ଗତମାସ ୧୯ ତାରିଖରେ ସୁକାନ୍ତି ଝିଅ ମିନତୀ ସହ ଔଷଧ ଆଣିବାକୁ ବରପଦା



ବଜାରକୁ ଆସି ଆଉ ଘରକୁ ଫେରିନଥିଲା। ତେବେ ରାଇମଣି ଛକ ନିକଟସ୍ଥ ଏକ ନିର୍ଜନ ସ୍ଥାନରେ ଉଭୟ ମା' ଝିଅଙ୍କର ମୃତଦେହ ଠାବ ହୋଇଥିଲା। ଏହି ଘଟଣାରେ ସ୍ୱାମୀ ରାଜୁ ସୁକାନ୍ତିକୁ ବଳାତ୍କାର କରି ନାବାଳିକା ସହ ହତ୍ୟା କରାଯାଇଥିବା ବିଷୟ ଅଭିଯୋଗ କରିଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାରେ ହାସିନପୁର ଗାଁର ମୁନା ହାଁସଦାକୁ ପୁଲିସ୍ ଗିରଫ କରିଥିଲା। ହତ୍ୟାକାଣ୍ଡର ପରଦିନ ମୁନାର ଆଇ ଶ୍ରୀମତୀ ମୁଣ୍ଡାର ମୃତଦେହ ମଧ୍ୟ ଏକ ପୋଲ ତଳୁ ଗଳିତ ଅବସ୍ଥାରେ ଠାବ କରାଯାଇଥିଲା। ତେବେ ଏହି ୩ ଜଣ ଆଦିବାସୀ ମହିଳାଙ୍କ ହତ୍ୟା ସମ୍ପର୍କରେ ପୁଲିସ୍ର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ନେଇ ଶ୍ରୀ ତ୍ରିପାଠୀ ଆୟୋଗଙ୍କ ନିକଟରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଜଳଙ୍ଗା ଗ୍ରାମକୁ ସମଗ୍ର ଗ୍ରାମୀଣ ବିକାଶ ଯୋଜନା ଅଧୀନରେ ଏକ ମଡେଲ୍ (ପୋଷ୍ୟ ଗ୍ରାମ) ଭାବେ ଗ୍ରହଣ କରିବା ପରେ ସ୍ଥାନୀୟ ଲୋକଙ୍କ ଆର୍ଥିକ ଓ ସାକ୍ଷରତା ଦୃଷ୍ଟିରୁ ୟୁକୋ ବ୍ୟାଙ୍କ ୨୦୦୯ ଡିସେମ୍ବର ୩ରେ ଉକ୍ତ ଗ୍ରାମକୁ ସ୍ୱତନ୍ତ୍ର ଭାବେ ନିଜ ଅଧୀନକୁ ନେଇ ସେଠାରେ ଏକ ଶାଖା ଖୋଲିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଏହି ଗ୍ରାମର ଗ୍ରାମବାସୀଙ୍କର କୌଣସି ଉନ୍ନତି ହୋଇପାରିନ ଥିବା ବେଳେ ଉକ୍ତ ଅଞ୍ଚଳର ଉପରୋକ୍ତ ହତ୍ୟାକାଣ୍ଡ ଏହାର ଏକ ଉଦାହରଣ ବୋଲି ସେ ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ମୃତବ୍ୟକ୍ତିଙ୍କର ବଞ୍ଚିଥିବା ପରିବାର ସଦସ୍ୟଙ୍କୁ ପୁନଃଥଇଥାନ ଦିଗରେ ଉଚିତ୍ ପଦକ୍ଷେପ ସହ ଘଟଣାର ଏକ ନିରପେକ୍ଷ ତଦନ୍ତ କରିବାକୁ ସେ ଅନୁରୋଧ କରିଥିଲେ। ଏହି ମାମଲାରେ ଏନ୍ଏଚ୍ଆରସି ଆସନ୍ତା ୪ ସପ୍ତାହ ମଧ୍ୟରେ ଆବଶ୍ୟକ କାର୍ଯ୍ୟ ସୁନିଶ୍ଚିତ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତାହାର ଏକ ରିପୋର୍ଟ ଦେବାକୁ ଭଦ୍ରକ ଏସ୍ପିଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି। ଏଥିସହ ଆୟୋଗ ଜିଲ୍ଲାପାଳଙ୍କୁ ମଧ୍ୟ ଜଳଙ୍ଗା ଗ୍ରାମର ସାମଗ୍ରିକ ବିକାଶର ସମସ୍ୟା ଦେଖିବା ପାଇଁ ନିର୍ଦ୍ଦେଶ ଦେବା ସହ ୪ ସପ୍ତାହ ମଧ୍ୟରେ ସମଗ୍ର ଗ୍ରାମୀଣ ବିକାଶ ଯୋଜନା ଅଧୀନରେ ନିଆଯାଇଥିବା ପଦକ୍ଷେପ ସମେତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି।

■ ସରକାରୀ ନିର୍ଦ୍ଦେଶକୁ ୭ ବର୍ଷ ପୂରିଲା

# ଶିକ୍ଷାର ବ୍ୟବସାୟୀକରଣ ବନ୍ଦ ହେଉନି

**ବନ୍ତ/ଆଗରପଡ଼ା, ୧୮ ।୭ (ସମିସ):** ପ୍ରଶାସନିକ କଟକଣା ନଥିବାରୁ ଏବେ କୋଚିଂ ସେଣ୍ଟର ଏକ ବ୍ୟବସାୟିକ ସଂସ୍ଥାରେ ପରିଣତ ହେଲାଣି। ସରକାରୀ ନିୟମ ଅନୁସାରେ କୌଣସି ବେତନଭୋଗୀ ଅଧ୍ୟାପକ/ଅଧ୍ୟାପିକା, ଶିକ୍ଷକ/ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ କରିପାରିବେ ନାହିଁ। ଏହା ପ୍ରମାଣ ମିଳିଲେ ଆର୍ଟିଇ ଆକ୍ଟ ସେକ୍ସନ୍ ୨୮ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ରାଜ୍ୟ ଶିକ୍ଷାବିଭାଗ ନିର୍ଦ୍ଦେଶକଙ୍କ ଚିଠି ନଂ ୧୧୯୮୦ରେ ସରକାରୀ ଶିକ୍ଷକମାନେ ଟ୍ୟୁସନ ନକରିବାକୁ ଉଲ୍ଲେଖ ଥିଲା। ପୁନଶ୍ଚ ୪୧୬୪/୩୧/୦୩/୨୦୧୭/ ଆରଟିଇରେ ତାଗିଦ କରିଥିବାର ଜଣାପଡ଼ିଛି। କିନ୍ତୁ ଏହାକୁ କେହି ପାଳନ କରୁନାହାନ୍ତି। ବର୍ତ୍ତମାନ ସ୍କୁଲ, କଲେଜରେ ନୂତନ ବର୍ଷର ପାଠ୍ୟକ୍ରମ ଆରମ୍ଭ ହୋଇଯାଇଛି। ଏଣୁ ଅଭିଭାବକମାନେ ଭଲ ଶିକ୍ଷାନୁଷ୍ଠାନ କ'ଣ ଖୋଜିବେ, ଭଲ କୋଚିଂ ସେଣ୍ଟର ଖୋଜିବା ଏକ ବଡ଼ ବ୍ୟତିକ୍ରମ, ଯାହା ଦେଖିବାକୁ ମିଳୁଛି ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ। ଶିକ୍ଷକ/ଶିକ୍ଷୟିତ୍ରୀମାନେ ଅଧିକ ରୋଜଗାର ଲକ୍ଷ୍ୟରେ ସ୍କୁଲ/କଲେଜଗୁଡ଼ିକରେ ହାଜିରା ପକେଇ କୋଚିଂ ସେଣ୍ଟରେ କୋଚିଂ ଦେବାରେ ବ୍ୟସ୍ତ ରହୁଥିବାର ଦେଖିବାକୁ ମିଳୁଛି। ଆଗରପଡ଼ାରେ ଦୁଇଟି ମହାବିଦ୍ୟାଳୟ ସମେତ ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁମନ୍ଦିର, ଇଂଲିସ ମିଡ଼ିୟମ ସ୍କୁଲ ଥିବା ହେତୁ ଏହି ଅଞ୍ଚଳରେ ଛତୁ ଫୁଟିବାପରି କୋଚିଂ ସେଣ୍ଟର ଖୋଲିଛି। ବ୍ୟବସାୟ ପ୍ରତିଷ୍ଠାନ ଗାଡି ପାର୍କିଂ ସ୍ଥାନଠାରୁ କୋଚିଂ ସେଣ୍ଟର ପାର୍କିଂ ସ୍ଥାନ ଅଧିକ ରହିଥିବାର ଦେଖିବାକୁ ମିଳୁଛ। ଏଣୁ ପ୍ରଶାସନିକ ସ୍ତରରେ ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଶିକ୍ଷାର ମାନରେ ବଡ଼ ପରିବର୍ତ୍ତନ ଯେ ଦେଖା ନଦେବ ଏକଥା କିଏ କହିବ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ ଓସା କର୍ମକର୍ତ୍ତା

**ଭଦ୍ରକ, ୧୮ ।୭ (ସମିସ):** ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)। ଭଦ୍ରକ ଶାଖା ପକ୍ଷରୁ ଗୁରୁବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ପ୍ରକାଶ ଜେନା, ସଂଯୋଜକ ବିପ୍ଳବ ହୋତା, ସମ୍ପାଦକ ବିକାଶ ଧଳଙ୍କ ସମେତ ପ୍ରଫୁଲ୍ଲ ପାଢ଼ୀ, ଅମୂଲ୍ୟ ମାଝୀ, ଅଶୋକ ସାହୁ, ସୁଶାନ୍ତ ଘଡ଼େଇ, ରତିକାନ୍ତ ସାହୁ, ବ୍ରଜ ଦାସ, ରବୀନ୍ଦ୍ର ଦାସ, ସୁରେଶ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ଅନଶନରେ ବସିଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ବ୍ଲକ ଶିକ୍ଷାଧିକାରୀଙ୍କୁ ଆସନ୍ତା ୫ଦିନ ମଧ୍ୟରେ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାପରେ କର୍ମକର୍ତ୍ତାମାନେ ଅନଶନରୁ ଓହରିଥିବା



ଜଣାପଡ଼ିଛି। ଏଠାରେ ପ୍ରକାଶ ଥାଉକି; ଡେପୁଟେସନରେ ଥିବା ଭଦ୍ରକ ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ବଙ୍କ ଝୁଜିଝୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ସାହୁଙ୍କ ଅନ୍ୟତ୍ର ବଦଳି ହେବା ପରେ ମଧ୍ୟ ସେ ବିଦ୍ୟାଳୟ ଛାଡ଼ି ଯାଉନଥିବାର ଅଭିଯୋଗ ହେବା ସହ ବିଦ୍ୟାଳୟ ଛାଡ଼ି ନ ଯିବାର କାରଣ କ'ଣ ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)। ଭଦ୍ରକ ଶାଖା ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏନେଇ ଜିଲ୍ଲାପାଳଙ୍କୁ ଗତ ମାସ ୨୮ ତାରିଖରେ ଅବଗତ କରାଯିବା ସହ ଆଗାମୀ ୭ଦିନ ମଧ୍ୟରେ ଏଥି ନେଇ କୌଣସି ବିହୀତ ପଦକ୍ଷେପ ନିଆନଗଲେ ଆସନ୍ତା ଜୁଲାଇ ୬ତାରିଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। କିନ୍ତୁ ସରକାରୀ ଛୁଟି ଯୋଗୁଁ ଉକ୍ତ ଦିବସରୁ ଆରମ୍ଭ ହେବାକୁଥିବା ଅନଶନକୁ ସ୍ଥଗିତ ରଖାଯିବା ସହ ଆସନ୍ତା ଜୁଲାଇ ୧୮ ତାରିଖରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲାପାଳଙ୍କୁ ଗତ ୫ତାରିଖରେ ପୁନଃ ଅବଗତ କରାଯାଇଥିଲା।

■ ଭଦ୍ରକ ପଞ୍ଚାୟତ ସମିତିର ସାଧାରଣ ପରିଷଦ ବୈଠକ

# ନବନିର୍ମିତ ସମ୍ମିଳନୀ କକ୍ଷ ଉଦ୍ଘାଟିତ



**ଭଦ୍ରକ, ୧୮ ।୭ (ସମିସ):** ଭଦ୍ରକ ପଞ୍ଚାୟତ ସମିତିର ୪ର୍ଥ ସାଧାରଣ ପରିଷଦ ବୈଠକ ବ୍ଲକ ପରିସର ସ୍ଥିତ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ନବ ନିର୍ବାଚିତ ସାଂସଦ ଅଭିମନ୍ୟୁ ସେଠୀ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପ୍ରଥମେ ବ୍ଲକ ପକ୍ଷରୁ ପ୍ରଥମ ଗସ୍ତ ଅବସରରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ପରେ ପଞ୍ଚାୟତ ସମିତିର ପୁନରୁଦ୍ଧାର ତଥା ନବୀକରଣ କରାଯାଇଥିବା ସମ୍ମିଳନୀ କକ୍ଷକୁ ସାଂସଦ ଶ୍ରୀ ସେଠୀ ଓ ବିଧାୟକ ଶ୍ରୀ ମହାପାତ୍ର ଫିତାକାଟି ଉଦ୍ଘାଟନ କରିଥିଲେ। ପରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କ ସଭାପତିତ୍ୱରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ମହାପାତ୍ର, ବିଡିଓ ସୀତାକାନ୍ତ ରାଉତ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ସଭ୍ୟା ପ୍ରତିମା ଜେନା, ଗୀତାରାଣୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତିର ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକର ୩୬ଟି ପଞ୍ଚାୟତରୁ ବହୁ ସମିତିସଭ୍ୟ, ସଭ୍ୟା ଓ ସରପଞ୍ଚମାନଙ୍କ ସହ ବ୍ଲକସ୍ତରୀୟ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନ ୩ଟାରେ ବୈଠକ ଶେଷ ହୋଇଥିଲା।

# ବୃକ୍ଷ ରୋପି ରକ୍ଷା କରିବା ବିଶ୍ୱ ତାପାୟନ



**ଧାମନଗର, ୧୮ ।୭ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତ ଅଧିନ ଅଳଅସ୍ତକ ସମାଜସେବୀଙ୍କ ନିଆରା ଅଭ୍ୟର୍ଥନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟୁତିକ ବିଭାଗର କର୍ମକର୍ତ୍ତା ତଥା ନବଜୀବନ ଫାଉଣ୍ଡେସନ ଓଡ଼ିଶା ଶାଖା ଅନ୍ୟତମ ପ୍ରମୁଖ ଉଦ୍ୟକ୍ତା ସୌମ୍ୟରଞ୍ଜନ ରାଉତ ଓ ବିଶ୍ୱପ୍ରିୟା ନାୟକ ଉଭୟ ପତିପତ୍ନୀ ବନ୍ଧୁ ଓ ପରିଜନଙ୍କ ସହ 'ଦାମ୍ପତ୍ୟ ଜୀବନର ପ୍ରାରମ୍ଭିକ ଶୁଭ ଦିନ, ବୃକ୍ଷ ରୋପି ରକ୍ଷା କରିବା ବିଶ୍ୱ ତାପାୟନ' ବାର୍ତ୍ତା ବାଣ୍ଟି ନିଜ ଗ୍ରାମ ଉପର ଅସ୍ତକ, ହସନବାଦ ଠାରେ ବିଭିନ୍ନ ଚାରାରୋପଣ କରିଛନ୍ତି। ଚାରାରୋପଣ କରିବା ସହ ତାର ସୁରକ୍ଷା ପାଇଁ ମଧ୍ୟ ଘେରି ବାଡ଼ ବାନ୍ଧିଛନ୍ତ। ସୌମ୍ୟଙ୍କ ଏପରି କାର୍ଯ୍ୟ ନୂଆ ନୁହେଁ ସେ ଦୀର୍ଘ ବର୍ଷ ଧରି ସାମାଜିକ ପ୍ରତିଷ୍ଠାନ ନବଜୀବନ ଫାଉଣ୍ଡେସନ ସହ ଯୋଡ଼ି ହୋଇ ତାଙ୍କର ସାମାଜିକ କର୍ତ୍ତବ୍ୟ ବୋଧ ତଥା ସ୍ୱେଚ୍ଛାକୃତ ରକ୍ତଦାନ, ବୃକ୍ଷ ରୋପଣ, ଅଗ୍ନି ବିପନ୍ନଙ୍କୁ ସହାୟତା, ପ୍ରାକୃତିକ ଦୁର୍ବିପାକ ପୀଡ଼ିତଙ୍କୁ ସହଯୋଗ ଆଦି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟ ମାନ ଜାରିରଖିଛନ୍ତି। ଏହି ଉଦାହରଣୀୟ କାର୍ଯ୍ୟକ୍ରମରେ କନକଲତା ରାଉତ, ସ୍ମୃତି ରଞ୍ଜନ ରାଉତ, ରଞ୍ଜିତା ରାଉତ, ସୁପ୍ରଭା ବିଶ୍ୱାଳ, ପୁରବୀ ରାଉତ, ସ୍ୱର୍ଣ୍ଣପ୍ରଭା ପୁହାଣ, ସତ୍ୟପ୍ରଭା ନାୟକ, ଭିଣୋଇ ଅକ୍ଷୟ ବିଶ୍ୱାଳ, ସୌମ୍ୟକାନ୍ତ ପୁହାଣ, ଅନୁଭବ ନାୟକ, ଦାଦା ବିବେକାନନ୍ଦ ରାଉତ, ଖୁଡ଼ି ମଞ୍ଜୁଲତା ରାଉତ, ପିଉସା ପିଉସୀ ମାମୁଁ ମାଇଁ ଓ ଗ୍ରାମ ବାସି ପ୍ରମୁଖ ଉପସ୍ଥିତ ଥିଲେ। ନବଜୀବନ ଫାଉଣ୍ଡେସନର ଉତର ପୂର୍ବ ଭାରତ ତଥା ରାଜ୍ୟ ମୁଖ୍ୟ ମାନସ ରଞ୍ଜନ ସାହୁ ସାଧୁବାଦ ଅର୍ପଣ କରିଥିଲେ।

# ଟାଙ୍କି ଗଢ଼ା, ଘରତୋଳାରେ ସୀମିତ ପାନୀୟ ଜଳଯୋଗାଣ

**ବନ୍ତ/ଆଗରପଡ଼ା, ୧୮ ।୭ (ସମିସ):** ବନ୍ତ ବ୍ଲକର ୨୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଛି ଏବଂ ହେଉଛି ମଧ୍ୟ। ନିର୍ମାଣ ସରିଥିବା ବିଭିନ୍ନ ଗ୍ରାମରେ ଜଳ ଯୋଗାଣ ଆରମ୍ଭରୁ ଆଣ୍ଠେଇ ପଡ଼ିଥିବା ଜଣାପଡ଼ିଥିଲା। କେବଳ ପାଇପ ବିଛା, ଟାଙ୍କି ଗଢା ଓ ଘରତୋଳାରେ ସୀମିତ ରହି ଯାଇଥିଲା ପ୍ରକଳ୍ପ। ସରକାରୀ ଅନୁଦାନରେ ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କାର୍ଯ୍ୟସ୍ଥଳି ନିକଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରି ସେଥିରେ ସବିଶେଷ ସୂଚନା ଲେଖାଯିବାର ନିୟମ ଥିଲେ ସୁଦ୍ଧା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଆରଡବ୍ଲ୍ୟୁଏସଏସ ମାଧ୍ୟମରେ ରାଜ୍ୟ ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଅଧିନରେ ବସୁଧା ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଇ ଦେବା ଉଦ୍ଦେଶ୍ୟରେ କୋଟିକୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପ ଫେଲ ମାରିବାକୁ ବସିଥିଲା। କାଦବରାଙ୍ଗ, ବଡ଼ବର୍ଚ୍ଚିକୟାଁ, ଓଡ଼ଙ୍ଗ, ଚାରିଗାଁ, ବିଟିପୁର, ବଡ଼ମହିଁଷଗୋଠ, ମହାନ୍ତିପଡ଼ା ଏହିପରି ବିଭିନ୍ନ ପଞ୍ଚାୟତରେ ବସୁଧା ଯୋଜନାରେ ନିର୍ମିତ ଜଳ ଯୋଗାଣ ପ୍ରକଳ୍ପ ଲୋକଙ୍କ କାମରେ



ଆସିପାରୁନଥିବାର ଅଭିଯୋଗ ହେବା ପରେ ଏହାର ମରମତି କାର୍ଯ୍ୟ ବିଭାଗ ତରଫରୁ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ଅଧପନ୍ତରିଆ ଅବସ୍ଥାରେ ଥିବା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ସେହିପରି ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକରେ ବିଦ୍ୟୁତ୍ ସଂଯୋଗୀକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଗୋଟେ ଗୋଟେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ୧୩୫.୯୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ନିର୍ମିତ ହୋଇଥିବା ବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରୁ ପ୍ରକଳ୍ପର ସଫଳ ରୂପାୟନ ହେବା ପରିବର୍ତ୍ତେ ଅର୍ଥ ଚଳୁ ହେଇଯାଉଥିବା ଅଭିଯୋଗ ହୋଇଆସୁଥିଲା। ତତ୍ସହିତ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ବିଭିନ୍ନ ସ୍ଥାନରୁ ପାଇପ୍ ଫାଟି ପାଣି ବୋହିବା ସହ ବହୁ ଜାଗାରେ ପାଣି ପହଞ୍ଚି ପାରୁନଥିବା ଅଭିଯୋଗ ମଧ୍ୟ ହେଉଥିଲା। ଏହିସବୁ କାରଣରୁ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ନେଇ ସନ୍ଧିହାନ ହୋଇପଡ଼ିବା ସହ ଲକ୍ଷାଧିକ ଟଙ୍କାରେ ନିର୍ମିତ ପ୍ରକଳ୍ପକୁ ପ୍ରହସନରେ ପରିଣତ ନକରି ନିର୍ମିତ ପ୍ରକଳ୍ପ ଗୁଡ଼ିକର ପୁନଃ ତଦାରଖ କରିବା ଏବଂ ନିର୍ମାଣଧୀନ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଠିକ ଭାବେ କରିବା ସହ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଯୋଜନାର ସଫଳ ରୂପାୟନ କରିବାକୁ ଚେଷ୍ଟିତ ହେବାକୁ ଗ୍ରାମବାସୀମାନଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଆସୁଥିଲା। ତେଣୁ ବିଭାଗୀୟ ତତ୍ପରତା ବସୁଧା ଯୋଜନାର କିପରି ସଫଳ ରୂପାୟନ କରିପାରୁଛି ତାହା ସମୟ କହିବ।

# ଏନ୍ଏସି କାର୍ଯ୍ୟାଳୟରେ ସାଧାରଣ ପରିଷଦ ବୈଠକ

**ଧାମନଗର, ୧୮ ।୭ (ସମିସ):** ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସଭାଗୃହ ପରିସରରେ ଅଧ୍ୟକ୍ଷା ନିବେଦିତା ଜେନାଙ୍କ ଅଧ୍ୟକ୍ଷତାରେ ପରିଷଦର ଅଷ୍ଟମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପୂର୍ବ ବିବରଣୀ ପ୍ରଦାନ କରିଥିଲେ। ଏହି ବୈଠକରେ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ



ଯନ୍ତ୍ରୀ ବଳରାମ ମହାନ୍ତି, କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ନାୟକ, ସୁଷମା ନାୟକ, ଏବିଇଓ ସତ୍ୟସୁନ୍ଦର ପରିଡ଼ା, ଯୋଗାଣ ଅଧିକାରୀଣି ଅନିବସନ୍ତି ସାହୁ, କାଉନସିଲର ସ୍ୱାଧୀନ ସମ୍ବିତ ଦାସ, ଉତ୍ତମ ମହାନ୍ତି, ଅନୁ ମୁଣ୍ଡା, ଅନୁଶୟା ମଲ୍ଲିକ, ନଜମା ଖାତୁନ୍, ଜୟନୁଲ ହକଙ୍କ ସମେତ ୧୧ଟା ୱାର୍ଡ କାଉନସିଲ, କାର୍ଯ୍ୟାଳୟ କର୍ମଚାରୀ ଶରତ ଚନ୍ଦ୍ର ଦାସ, ସୁନିଲ ନାୟକ, ସୁଷମା ରାଣୀ ରାଉତ, ପିଏଚ୍ଡି ଏବଂ ବିଦ୍ୟୁତ ବିଭାଗ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଡ୍ରେନେଜ, ଲାଇଟ, ଆବାସ ଯୋଜନା ଗୃହ, ଫେଭର ଟାଇଲସ୍ ରାସ୍ତା, ମୁକ୍ତା ଯୋଜନାରେ ଚିଲଡ୍ରେନ ପାର୍କ, ନୂତନ ଯୋଜନାରେ ଐତିହାସିକ ଜଗୁ ସାଗର ପୋଖରୀ ସୌନ୍ଦର୍ଯ୍ୟ କରଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମକୁ ତ୍ୱରାନିତ କରିବା ପାଇଁ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ କେତେକ ନୂତନ ତଥା ଶବବୁହା ଗାଡ଼ି, ଜିଲ୍ଲା ପାଠାଗାର କେନ୍ଦ୍ର, କାନ୍ଧିଆ ବୋଧା, ଗୌଶାଳା, ଜିମ୍ କେନ୍ଦ୍ର, ପାନୀୟ ଜଳଯୋଗାଣ କେନ୍ଦ୍ର ଯଥା ମେଡିକାଲ ବଜାର, ବ୍ଲକ ଛକ, ବିଜୁ ପଟ୍ଟନାୟକ ଛକଠାରେ ଖୋଲିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଛି ବୋଲି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଉପାଧ୍ୟକ୍ଷ ଓସିମ ଏଜଦାନି କାଦରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫେଇ ନାଁରେ ଦୁର୍ନୀତି; ଚାଷୀଙ୍କ ଆନ୍ଦୋଳନ ଚେତାବନୀ



**ଅସୁରାଳି, ୧୮ ।୭ (ସମିସ):** ଧାମନଗର ବ୍ଲକରେ ପ୍ରବାହିତ ହେଉଥିବା ୫ନମ୍ବର୍ କେନାଲର ଦୈର୍ଘ୍ୟ ୧୭ କିମି ୨୦୦ମିଟର। ଏହି କେନାଲ ଉପରେ ନିର୍ଭରକରନ୍ତି ପ୍ରାୟ ୭/ ୮ପଞ୍ଚାୟତ ଲାକେ। ଜଳମଣ୍ଡୁଆ, ଦଇପୁର, ଗୋବିନ୍ଦପୁର, ଅସୁରାଳି, ଗଡିଆଳି, କଟସାହି ଫତେପୁର ଚାଷୀମାନଙ୍କ ଜୀବନ ଜୀବିକା ଏହି କେନାଲ ଓ ଜଳ ସେଚନର ଏକ ମାଧ୍ୟମ। ଜଳ ସେଚନକୁ ସୁଗମ ଓ ସୁଲଭ କରିବା ପାଇଁ କେନାଲ ସରକାରଙ୍କ ତରଫରୁ କେନାଲ ସଂସ୍କାର ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି। ଘାସ ସଫା ସହିତ ବିଭିନ୍ନ କଲଭର୍ଟ ଜଳ ନିଷ୍କାସନ ସ୍ଥାନ ଗୁଡ଼ିକର ପରିଷ୍କାର କରାଯାଉଛି। ୫ ଓ୬ ନମ୍ବର କେନାଲର ସଫେଇ କାର୍ଯ୍ୟ ପାଇଁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। କିନ୍ତୁ ଦିନ ମଜୁରିଆମାନଙ୍କୁ ସେମାନଙ୍କ ହକ୍ରୁ ବଞ୍ଚିତ କରି ଲୋକ ନ ଲଗାଇ ଠିକାଦାର ମେସିନ୍ ଦ୍ୱାରା ଏହି କାର୍ଯ୍ୟ କରୁଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନାମକୁ ମାତ୍ର ଘାସ ଚାଞ୍ଛି ଦେଇ କାଗଜ କଲମରେ କାମ ଶେଷ ଦେଖାଇ ଅର୍ଥ ହଡ଼ପ ପାଇଁ ସମ୍ପୂର୍ଣ୍ଣ ମସୁଧା ଚାଲିଛି ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ କେନାଲ ସଂସ୍କାର ନାଁରେ ସରକାରୀ ଅନୁଦାନ ବ୍ୟୟ ହେଉଛି। କିନ୍ତୁ ଚାଷୀମାନେ ପାଣି ପାଇଁ ହତାଶ ହେଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏହାର ବିଧିବଦ୍ଧ ତଦନ୍ତ କରି ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାକୁ ଭାଙ୍ଗି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଚାଷୀମାନଙ୍କୁ ସୁଚାରୁ ରୂପେ ଜଳସେଚନର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସେହିପରି ୪ ନମ୍ବର କେନାଲ ଉପରେ ୬ ଟି ଗାଁ ତଥା କଲ୍ୟାଣୀ, ଚୁଡ଼ାକୁଟି, କାକରା, ଭଗବାନପୁର, କୋଠାର ଆଦି ଅଞ୍ଚଳର ଲୋକମାନେ ନିଜର କୃଷି ପାଇଁ ନିର୍ଭରରତ। ମାତ୍ର ଏଠାରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ସଫେଇ ନାଁରେ ଆସି ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ସର୍ବୋଚ୍ଚଯନ୍ତ୍ରୀଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଏହାର ସମାଧାନ କରା ଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମାତ୍ର ଆଗାମୀ ଦିନ ରେ ସମାଧାନ ନ ହେଲେ ଚାଷୀକୁଳ ଏହାର ପ୍ରତିବାଦ କରିବା ସହ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ୩୪ ବର୍ଷ ଧରି ରାସ୍ତା ପାର୍ଶ୍ୱରେ ଚାଲିଛି ସାପ୍ତାହିକ ହାଟ

ଅସୁରାଳି, ୧୮ ।୭ (ସମିସ)

ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଏକ ସାପ୍ତାହିକ ହାଟ ଗତ ୩୫ ବର୍ଷ ଧରି ରାସ୍ତା କଡ଼ରେ ହାଟଟି ସପ୍ତାହରେ ଦୁଇ ଥର ସୋମବାର ଓ ଶୁକ୍ରବାର ବସିଥାଏ। ଏଇ ହାଟ ଉପରେ ନିର୍ଭର କରନ୍ତି ୧୮-୨୦ ଗ୍ରାମ ତଥା କଲ୍ୟାଣୀ, ମାର୍କଡ଼ିଆ, କୁଶୁମା, ତାମ୍ପଳା, ଚୁଡାକୁଟି, ଦଇପୁର, ବାବୁରି ଗାଁ, ସ୍ୱାମୀ ପାଟଣା, ଇଚ୍ଛାପୁର, କୋରୁଆ, ମଙ୍ଗଳପୁର, ଝାରଡ଼ିଆ, ଉଚ୍ଚପଦା ପ୍ରଭୃତି ଗ୍ରାମ। ବାସ୍ତବରେ ଏହି ସାପ୍ତାହିକ ହାଟଟି ରାସ୍ତାର ଦୁଇ ପାର୍ଶ୍ୱରେ ବାରିକପୁର - ଅସୁରାଳି ରାସ୍ତାର ଦୁଇ ପାର୍ଶ୍ୱରେ ଦିନ ୩ଟାରୁ ଆରମ୍ଭ ହୋଇ ରାତ୍ର ୯ରେ ହାଟ ଭାଙ୍ଗି ଥାଏ। ରାସ୍ତାର ଦୁଇ ପାର୍ଶ୍ୱରେ ହାଟୋଇ ବସୁଥିବାରୁ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥାଏ। ପ୍ରତି ହାଟ ପାଳିରେ ଛୋଟ ବଡ ଦୁର୍ଘଟଣା ମାନ ଘଟିଥାଏ। ଉଭୟ ପାର୍ଶ୍ୱରେ ଉଠା ପରିବା ଦୋକାନୀ ବସୁଥିବାରୁ ରାସ୍ତାଟି ସଂକୀର୍ଣ୍ଣ ହୋଇ ଯାଉଛି। ଫଳରେ ଯାତାୟତ ନିମନ୍ତେ ବହୁ ଅସୁବିଧା ପରିଲକ୍ଷିତ ହେଉଛି। ଭିଡ଼ ବେଳେ ବେଳେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ହାଟକୁ ଆସୁଥିବା ଗ୍ରାହକମାନେ ଗାଡ଼ି ସାଇକଲ ରାସ୍ତା ଉପରେ ରୋକି କିଣାବିକା କରୁଥିବାରୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି। ପ୍ରକୃତରେ ଦେଖିବାକୁ ଗଲେ ଆଖପାଖ ଅଞ୍ଚଳରେ ଥିବା ସ୍ଥାନୀୟ ହାଟ ତଥା ସହିଦ ନଗର, ଅସୁରାଳୀ, ବେତଳି ଗାଁ ପ୍ରମୁଖଠାରେ ଯେପରି ସରକାରଙ୍କ ତରଫରୁ ହାଟ




ପିଣ୍ଡି ବା ହାଟ ଚାଳିଆ ହୋଇଛି; ସେହିଭଳି କେବେ ଗୋବିନ୍ଦପୁର ହାଟ ଉପରେ ନଜର ପଡ଼ିବ ପ୍ରଶାସନର ଦୀର୍ଘ ୩୪ ବର୍ଷ ଧରି ଅବହେଳିତ ଅବସ୍ଥାରେ ରାସ୍ତା କଡ଼ରେ ବସୁଛି ଗୋବିନ୍ଦପୁରର ସାପ୍ତାହିକ ହାଟ। କେଉଁ ଦିନ ପ୍ରଶାସନର ଦୃଷ୍ଟି ପଡ଼ିବ ଗୋବିନ୍ଦପୁର ହାଟ ଉପରେ। ଏହି ହାଟ ଉପରେ ୫୦୦-୭୦୦ ପରିବାର ଲୋକେ ନିଜର ଦୈନନ୍ଦିନ ଖାଦ୍ୟ ସାମଗ୍ରୀ ପାଇଁ ନିର୍ଭର କରିବା ସହିତ ବାଡ଼ି ପରିବା ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ପୁଣି ଖରା, ବର୍ଷା ଓ ଶୀତ କାକରରେ ହାଟୋଇ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ ହାଟ ପରିଚାଳକ ବାଇଧର ବସନ୍ତିଆ ଏହି ପ୍ରସଙ୍ଗରେ ନିଜର ମତାମତ ପ୍ରକାଶ କରି କହିଚନ୍ତି କି ଯଦି ହାଟରେ ହାଟ ଚାଳିଆ ସରକାର ନିର୍ମାଣ କରନ୍ତେ, ତେବେ ବହୁ ଦୂର ଦୁରାନ୍ତରୁ ଆସୁଥିବା ହାଟୁଆ ମାନେ ଉପକୃତ ହୁଅନ୍ତେ। ତେଣୁ ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ହାଟ ପିଣ୍ଡି ସହିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହାଟଟି ଅନ୍ଧାରରେ ଚାଲିଛି ହାଇମାସ୍କ ଲାଇଟ୍ ଜଳୁନାହି ବାସି ଦାବି ତୁରନ୍ତ ଏହି କାର୍ଯ୍ୟ ପୁରାଣ କରିବା ପାଇଁଦାବି।

# ବାଲିକାଦୁଅରେ ରାସ୍ତା ଭର୍ତ୍ତି ସ୍କୁଲ ପିଲାଙ୍କ ଯା'ଆସ ବନ୍ଦ

**ହାଟଡ଼ିହି,୧୮।୭(ସମିସ)**

ହାଟଡ଼ିହୀ ବ୍ଲକ ଡିମିରିଆ ଗ୍ରାମର ମୁଖ୍ୟରାସ୍ତା ଏବେ ବାଲିକାଦୁଅରେ ପୂରିଥିବା ହେତୁ ବିଶେଷ କରି ସ୍କୁଲ ପିଲାମାନେ ନାହିଁ ନଥିବା ଅସୁବିଧା ଭୋଗୁଥିବା ଦେଖାଯାଇଛି। ଚଳପ୍ରଚଳ ଅନୁପଯୋଗୀ ବେହାଲ ରାସ୍ତା ଯୋଗୁଁ ଡିମିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମୁଖ୍ୟ ରାସ୍ତାଦେଇ ସ୍କୁଲର ମୁଖ୍ୟଫାଟକ ବାଟେ ସ୍କୁଲ ଭିତରକୁ ପ୍ରବେଶ କରିପାରୁ ନାହାଁନ୍ତି। କଦର୍ଯ୍ୟପୂର୍ଣ୍ଣ ରାସ୍ତାରେ ସାଇକଲ, ମୋଟର ସାଇକଲ ଚକା ଓ ପାଦ ବୁଡ଼ି ଯାଉଥିବାରୁ ଏଭଳି ବିପଦପୂର୍ଣ୍ଣ ବାଲିକାଦୁଅ ରାସ୍ତାରେ ପିଲାମାନେ ଯା'ଆସ କରିନପାରି ବାଧ ହୋଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ ଡେଇଁ ସ୍କୁଲକୁ ଯାଉଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ବାଲିବୋଝେଇ ହାଇୱା ଟ୍ରକ୍ ଯାତାୟାତ କରୁଥିବାରୁ ରାସ୍ତାର ଅବସ୍ଥା ଏଭଳି ହୋଇଯାଇଛି। ଏହି ରାସ୍ତାଟି କେନ୍ଦୁଝରର ଯାଜପୁର ଜିଲ୍ଲାକୁ ସଂଯୋଗ କରିଥିବା ମୁଖ୍ୟ ରାସ୍ତା ଅଟେ। ପ୍ରତିଦିନ ଏହି ରାସ୍ତାରେ ଶହ ଶହ ପଥଚାରୀ ଗମନାଗମନ କରିବା

**ଖୋଲୁନି ସ୍କୁଲର ମୁଖ୍ୟ ଫାଟକ**

ସହ ଜରୁରୀକାଳୀନ ଯାନ ମଧ୍ୟ ଯା'ଆସ କରିଥାନ୍ତି। ଏବେ ରାସ୍ତାର ଏଭଳି ପରିସ୍ଥିତି ପାଇଁ ପଥଚାରୀ, ରୋଗୀ, ଛାତ୍ରଛାତ୍ରୀ, ଆଖପାଖ ଗାଁ ଲୋକେ ଯିବା ଆସିବାରେ



ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବେହାଲ ରାସ୍ତାଦେଇ ସ୍କୁଲ ଭିତରକୁ ଯିବା ଛାତ୍ରଛାତ୍ରୀଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ଏପରିସ୍ଥଳେ ଶିକ୍ଷକମାନେ ମଧ ବାଧ ହୋଇ ରାସ୍ତାକଡ଼ କିମ୍ବା ଗଛମୂଳେ ସାଇକଲ କିମ୍ବା ବାଇକ ରଖି ସ୍କୁଲ ଭିତରକୁ ଯାଉଛନ୍ତି। ରାସ୍ତା ଅବସ୍ଥା ନ ସୁଧୁରିଲେ ସ୍କୁଲ ପିଲାମାନେ ବାଧ ହୋଇ ରାସ୍ତାରୋକ ଭଳି ପନ୍ଥା ଆପଣେଇବେ ବୋଲି ଅଭିଭାବକଙ୍କ ପକ୍ଷରୁ ସୂଚନା ମିଳିଛି। ଏଭଳି କଦର୍ଯ୍ୟାତ୍ମକ ରାସ୍ତାର ମରାମତି ଦିଗରେ ଦୃଷ୍ଟି ଦେବା ସହ ସ୍କୁଲ ପିଲାଙ୍କ ଯାତାୟାତକୁ ସୁଗମ କରିବା ଦିଗରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ତୁରନ୍ତ ଧ୍ୟାନ ଦେବାକୁ ଗ୍ରାମର ହୃଷୀକେଶ ବସନ୍ତିଆ, ବୈକୁଣ୍ଠ ବସନ୍ତିଆ, ସ୍କୁଲ ଚେୟାରମ୍ୟାନ ବକିଟି ଦଣ୍ଡପାଟ, ଅନାମ ଚରଣ ରାଉଳ, ବାଇଧର ବସନ୍ତିଆ, ଗୋବିନ୍ଦ ଚରଣ ବାରିକ, ରତ୍ନାକର ଖୁଣ୍ଟିଆ, ବିକ୍ରମ ପ୍ରଧାନ, ଅଭିମନ୍ୟୁ ବସନ୍ତିଆ, ଶରତ କୁମାର ରାଉଳ ପ୍ରମୁଖଙ୍କ ସମେତ ଗ୍ରାମର ଅନ୍ୟମାନେ ଦାବି କରିଛନ୍ତି।

# ପ୍ରତାପ ପ୍ରୀତିମୟ ହେଲେ ଅତିରିକ୍ତ ସଚିବ



**ଆନନ୍ଦପୁର, ୧୮।୭(ସମିସ):** ଆନନ୍ଦପୁର ସାଇକଲୋନୀ ନିବାସୀ ତଥା ଓଡିଶା ପ୍ରଶାସନିକ ସେବା ଅଧିକାରୀ ପ୍ରତାପ ପ୍ରୀତିମୟ ଯୁଗ୍ମ ସଚିବ ପାହ୍ୟାରୁ ପଦୋନ୍ନତି ପାଇ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୦୦ ମସିହା ବ୍ୟାଚର ଓଡିଶା ପ୍ରଶାସନିକ ଅଧିକାରୀ ତାଲିକାର ୧୦ ନଂ ସ୍ଥାନ ଅଧିକାର କରିଥିଲେ। ବିଭିନ୍ନ ସ୍ଥାନରେ ଦକ୍ଷତାର ସହିତ ତହସିଲଦାର ଓ ବିଡିଓ ଭାବେ ଦାୟିତ୍ୱ ନିର୍ବାହ କରିବା ପରେ କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡର ଉପଜିଲାପାଳ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ପରେ ଭଦ୍ରକ ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ କରିବା ପରେ ବର୍ତ୍ତମାନ ଅନୁଗୁଳଠାରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ସେ ଆନନ୍ଦପୁର ନିବାସୀ ଡାକ୍ତର ଶିଶିର କୁମାର ଦାଶ ଓ ମଞ୍ଜୁପ୍ରଭା ଦାଶଙ୍କ କନିଷ୍ଠ ପୁତ୍ର ଅଟନ୍ତି। ତାଙ୍କର ଏପରି କୃତିତ୍ୱ ପାଇଁ ଆନନ୍ଦପୁର ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଶୁଭେଛା ଜଣାଇଛନ୍ତି।

# ବର୍ଷାପାଣିରେ ବୁଡୁଛି ଗାଁଦାଣ୍ଡ



**ହାଟଡ଼ିହୀ,୧୮।୭(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଜମ୍ବିରା ଗ୍ରାମର ମୁଖ୍ୟ ରାସ୍ତାରେ ପାଣି ଜମୁଥିବାରୁ ଗାଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଏହି ରାସ୍ତାଟି ଗ୍ରାମର ଏକମାତ୍ର ମୁଖ୍ୟରାସ୍ତା ଅଟେ। ମାତ୍ର ଅସରାଏ ବର୍ଷା ହେଲେ ଏଠାରେ ଫୁଟେ ଦେଢ଼ ଫୁଟ ପାଣି ଜମିରହେ। ଗାଁ ମୁଣ୍ଡରେ ସ୍କୁଲ, ପଞ୍ଚାୟତ କାର୍ଯ୍ୟାଳୟ ସହ ଜଗନ୍ନାଥ ମନ୍ଦିର ଥିବାରୁ ଗାଁ ଲୋକେ ଯା'ଆସରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଏହି ରାସ୍ତାଦେଇ ଅଙ୍ଗନୱାଡି କେନ୍ଦ୍ରକୁ ଯାଉଥିବା କୁନି କୁନି ଛୁଆଙ୍କ ସହ ୧ମରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ବେଶୀ ହଇରାଣ ହେଉଛନ୍ତି। ଗାଁର ଅନ୍ୟାନ୍ୟ ରାସ୍ତା ପକ୍କାସହ ଏହି ସ୍ଥାନଟି ମଧ ପକ୍କା ଥିବା ଦେଖାଯାଇଛି। କିନ୍ତୁ ଦୀର୍ଘଦିନ ଧରି ରାସ୍ତାର ମରାମତି ଅଭାବରୁ ଏହି ସ୍ଥାନଟି କୃତ୍ରିମ ହ୍ରଦ ଭଳି ଦେଖାଯାଇଛି। ସାଇକେଲ ଏବଂ ଛୋଟ ଚକା ଥିବା ୨ଚକିଆ ମୋଟରସାଇକଲ ଆରୋହୀମାନେ ବିଭିନ୍ନ ସମୟରେ ଏଠାରେ ପଡ଼ି ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। ପୂର୍ବରୁ ଏଥିପ୍ରତି ସରପଞ୍ଚଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଆଜିଯାଏଁ ଏହାର କୌଣସି ମରାମତି ହୋଇପାରିଲା ନାହିଁ। ଯାହା ଫଳରେ ଛୁଆ ଠୁଁ ବୃଦ୍ଧ-ବୃଦ୍ଧା, ବାଇକ ଆରୋହୀମାନେ ନାନାଦି ପ୍ରକାରର ଅସୁବିଧା ଭୋଗୁଛନ୍ତି। ହାଟଡ଼ିହୀ ବିଡ଼ିଓଙ୍କ ସହ ଆନନ୍ଦପୁର ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାର ମରାମତି କରାଇବାକୁ ଗ୍ରାମର ମଧୁସୂଦନ ସାହୁ, ରମାକାନ୍ତ ସାହୁ, ଯୋଗେନ୍ଦ୍ର ଗିରି, ରବିନ୍ଦ୍ର ମଲ୍ଲିକ, ମଦନମୋହନ ମଲ୍ଲିକ, ନାରାୟଣ ମଲ୍ଲିକ, ପ୍ରଫୁଲ୍ଲ କୁମାର ସାହୁ, ଆର୍ତ୍ତତ୍ରାଣ ସାହୁ, ନିରଞ୍ଜନ ସାହୁ, ସୁଦାମ ମଲ୍ଲିକ, ଯୁଧିଷ୍ଠିର ମଲ୍ଲିକ ପ୍ରମୁଖଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

# ପାବନ ଶ୍ରୀକ୍ଷେତ୍ର ଶାନ୍ତିଧାମରେ ଚାରାରୋପଣ



**ବେଲବାହାଲି,୧୮।୭(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ବଡପଡ଼ିଆ ଗ୍ରାମର ପାବନ ଶ୍ରୀକ୍ଷେତ୍ର ଶାନ୍ତି ଧାମର ଜଗନ୍ନାଥଙ୍କ ମନ୍ଦିର ପରିସରରେ ଭକ୍ତ ମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଛି। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ଭାଗବତ ପ୍ରବଚକ ଦିଲ୍ଲୀପ କୁମାର ମାଝୀ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ବିଭିନ୍ନ ପ୍ରକାରର ଚାରା ଯଥା ଆମ୍ବ, ପଣସ, ଜାମୁ, ଶାଗୁଆନ, ପିଜୁଳି, ବାହାଡ଼ା, ଡାଳିମ୍ବ, କେନ୍ଦୁ, ଲିମ୍ବ, କୃଷ୍ଣଚୂଡ଼ା, କଦମ୍ବ, କଦଳୀ ନଡ଼ିଆ ଭଳି ବିଭିନ୍ନ ପ୍ରଜାତିର ଚାରାରୋପଣ ହୋଇଥିଲା। ବୃକ୍ଷ ହିଁ ଆମର ପ୍ରକୃତ ବନ୍ଧୁ ଏବଂ ଆମକୁ ବଞ୍ଚିବାର ପ୍ରେରଣା ପ୍ରଦାନ କରି ରାହା ଦେଇଥାଏ। ଚାଲନ୍ତୁ ସଭିଏଁ ମିଳିମିଶି ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କରି ସମାଜକୁ ପ୍ରଦୂଷଣ ମୁକ୍ତ କରିବା ସହ ଅମ୍ଳଜାନ ସଂଗ୍ରହ କରିବାରେ ଜଣେ ଜଣେ ବୃକ୍ଷବୀର ସାଜିବା ବୋଲି ଭାଗବତ ପ୍ରବଚକ ଦିଲ୍ଲୀପ କୁମାର ମାଝୀ କହିଥିଲେ। ଗ୍ରାମର ଜଗନ୍ନାଥ ପ୍ରେମୀ ସରୋଜ କୁମାର ସାହୁ, ଅଲେଖ ସା, ଶ୍ରୀକାନ୍ତ ମାଝୀ, କ୍ଷମାକର ମାଝୀ, ସୁଦାମ ସାହୁ,ବେଣୁଧର ଜେନା, ଚିତ୍ତରଞ୍ଜନ ରଣା, ସନାତନ ଜେନା, ବିନୋଦ ବିହାରୀ ରଣା, ଜଗତ ସା, ଅକ୍ଷୟ ମହାନ୍ତି, ପ୍ରମୋଦ ସା, ବାବୁନା ଜେନା ଆଦି ଉପସ୍ଥିତ ରହି ଚାରାରୋପଣ କରିଥିଲେ।

# ଢେଙ୍କାରେ ଚକ୍ଷୁ ଚିକିତ୍ସା ଶିବିର




**ସୋସୋ, ୧୮।୭(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ସାଇ ମେଡିସିନ୍ ଷ୍ଟୋର ଢେଙ୍କା ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ଦାସ, ଭୂମିକାର ଜେନେରାଲ ମ୍ୟାନେଜର କର୍ଣ୍ଣାଟ କେଶରୀ ଜେନା, ବରିଷ୍ଠ ସମାଜସେବୀ ସୁଦର୍ଶନ ଜେନା, ବରିଷ୍ଠ ସମାଜସେବୀ ରବିନ୍ଦ୍ର ନାୟକ, ଭୂମିକାର ଏରିଆ ମ୍ୟାନେଜର ବିରଞ୍ଚିନାରାୟଣ ସେନ୍‌ଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଚକ୍ଷୁ ସହାୟକ ସାଇକତ୍ ସିଲ୍, ଚକ୍ଷୁ ସିନିୟର ପାରାମେଡିକ୍ ସବିତା ମହାନ୍ତ ଓ ଅନିତା ରାଉଳ, ସୁଶାନ୍ତ କୁମାର ଦାସ, ହିମାଂଶୁ ଶେଖର ପାତ୍ର ପ୍ରମୁଖ ରୋଗୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ଏଥିରେ ଯେଉଁ ବ୍ୟକ୍ତିମାନଙ୍କୁ କମ୍ ବା ଝାପ୍ସା ଦେଖାଯାଉଛି ସେମାନଙ୍କର ମୋତିଆବିନ୍ଦୁ ପରୀକ୍ଷା କରାଯାଇଥିଲା। ଏଥିରେ ବହୁ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯଅଇଥିଲା। ସାଇ ମେଡିସିନ୍ ଷ୍ଟୋର ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା।

# ଆନନ୍ଦପୁରରେ ଶ୍ରୀଦଧିବାମନଜୀଉଙ୍କ ଅଧରପଣା ନୀତି କାର୍ଯ୍ୟକ୍ରମ

**ଆନନ୍ଦପୁର,୧୮।୭(ସମିସ)**

ଆନନ୍ଦପୁରର ଆରାଧ୍ୟଦେବତା ଶ୍ରୀଦଧିବାମନଜୀଉଙ୍କ ଅଧରପଣା ନୀତି ଆଜି ଯଥା ରୀତିନୀତିରେ ପାଳିତ ହୋଇଛି। ସୁଆରମାନଙ୍କ ଦ୍ୱାରା କୋଠ ଭଣ୍ଡାରରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଣା ସେବାୟତମାନେ ଲାଗି କରାଇଥିଲେ। କ୍ଷୀର, ଦହି, ଛେନା, ଗୁଡ, ମହୁ ଓ ବିଭିନ୍ନ ଫଳ ପଲୁରୀରେ ପ୍ରସ୍ତୁତ ଏହି ପଣା ସନ୍ଧ୍ୟା ଆରତି ପରେ ଲାଗି ହୋଇଥିଲା। ପରେ ସୁଆର ସେବକମାନେ ଏହି ପଣାକୁ ବଡଦାଣ୍ଡରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନଙ୍କୁ ବିତରଣ କରିଥିଲେ। ଆଜିର ସନ୍ଧ୍ୟା ଦର୍ଶନରେ ଭକ୍ତମାନଙ୍କ ଗହଳି ଲାଗିରହିଥିବା ପରିଲକ୍ଷିତ ହୋଇଛି। ମାଉସୀ ବାଡିରୁ ଫେରିଥିବା ଶ୍ରୀଜୀଉମାନେ ରଥରେ ତିନି ରାତ୍ରୀଯାପନ କରିବା ପରେଆଜିର ଅଧରପଣା ବେଶ ମନୋରମ ହୋଇଥିଲା। ପ୍ରତ୍ୟୁଷରୁ ସେବାୟତ ମାନେ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂରତିଙ୍କ ଅବକାଶ କରିଥିଲେ। ସକାଳର ବାଲଧୂପ ପରେ ଶ୍ରୀଜୀଉମାନଙ୍କୁ ଅନ୍ନଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ରାଜପୁରୋହିତ ଶରତ ଚନ୍ଦ୍ର ମିଶ୍ରଙ୍କ ବେଦପାଠ ପରେ ପରିଚ୍ଛା ସୁଦର୍ଶନ ମିଶ୍ର ରଥାରୂଢ ଚତୁର୍ଦ୍ଧାମୂରତିଙ୍କ ଅଧରପଣା ପାଇଁ ଆଜ୍ଞାମାଳ ଆଣିବା ପରେ ଭଣ୍ଡାର ଘରୁ ପଣାହାଣ୍ଡି ଆସିଥିଲା। ପୂଜାପଣ୍ଡା ଜଗବନ୍ଧୁ ଦାଶ, ଯଶୋବନ୍ତ କର, ଜଗତବଲ୍ଲଭ ମିଶ୍ର, ସୁଆର ବିଶ୍ୱନାଥ ପାତ୍ର, ଲକ୍ଷ୍ମଣ ପାଢୀ, ଶଙ୍କର୍ଷଣ ମିଶ୍ର, ପଦ୍ମଲୋଚନ ପାଣିଗ୍ରାହୀ ରଥାରୂଢ ଜୀଉଙ୍କ ନୀତିକାନ୍ତି କରିଥିଲେ। ପୁରୋହିତ ଶରତ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ସନ୍ଧ୍ୟା ୬ ଘଟିକା ସମୟରେ ସନ୍ଧ୍ୟା ଦର୍ଶନ ଆରମ୍ଭ ହୋଇଥିଲା। ଦେବୋତ୍ତର ଅଧିକାରୀ ତଥା ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, ଆନନ୍ଦପୁର ଥାନା ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ ସୁନାବେଶ ପାଇଁ ଆବଶକୀୟ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିଥିଲେ। ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର, ସହକାରୀ ଜିଲ୍ଲାପାଳ ତପନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଜିର ସନ୍ଧ୍ୟା ଦର୍ଶନ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ସମାହିତ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ଲଳିତ ପାତ୍ର, ଅଜୟ ମହାପାତ୍ର, ପଦ୍ମନାଭ ମିଶ୍ର, ସିଲୁ ପଟ୍ଟନାୟକ, ବନବିହାରୀ ଧଳ, ଭାଗିରଥୀ ଦାଶ, ଦେବ ଚକ୍ରବର୍ତ୍ତୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ଦେବେନ୍ଦ୍ର ରାଉତରାୟ, ନାରାୟଣ ଦାଶ, ଚନ୍ଦ୍ରଶେଖର ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

**● ଛାତ୍ରଛାତ୍ରୀଙ୍କୁ ମାଡ଼ ଘଟଣାର ତଦନ୍ତ**

# ଦୁଇ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ବଦଳି

**ଆନନ୍ଦପୁର,୧୮।୭(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ପଞ୍ଚାୟତର ଅତା ପ୍ରାଥମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷୟିତ୍ରୀ ହାତାହାତି ହେବା ଓ ୯ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷକଙ୍କ ମାଡ ମାରିବା ଘଟଣାରେ ଦୁଇ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ଜଣାଯାଇଛି। ଘସିପୁରା ବ୍ଲକ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁଙ୍କ ନିର୍ଦ୍ଦେଶରେ ସହକାରୀ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଉକ୍ତ ବିଦ୍ୟାଳୟରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ତଦନ୍ତ କାଳରେ କେତେକ ଗ୍ରାମବାସୀ, ଅଭିଭାବକ, ପରିଚାଳନା କମିଟିର ସଦସ୍ୟମାନଙ୍କଠାରୁ ଅଭିଯୋଗ ସମ୍ପର୍କରେ ମତାମତ ଗ୍ରହଣ କରିଥିଲେ। ପରେ ମାଡ ଖାଇଥିବା ଛାତ୍ରଛାତ୍ରୀଙ୍କ ଠାରୁ ବୟାନ ସଂଗ୍ରହ କରି ଶିକ୍ଷା କାର୍ଯ୍ୟାଳୟରେ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ବିଦ୍ୟାଳୟରେ ଉପୁଜିଥିବା ବିବାଦର ସ୍ଥାୟୀ ସମାଧାନ ଓ ପୂର୍ବପରି ଶୈକ୍ଷିକ ପରିବେଶ ଫେରାଇ ଆଣିବା ପାଇଁ ବିବାଦ ସୃଷ୍ଟି କରୁଥିବା ଶିକ୍ଷକ ସୌମ୍ୟରଞ୍ଜନ ଦଳେଇଙ୍କୁ ତାଳ ଗାଁ ଓ ଶିକ୍ଷୟତ୍ରୀ ପ୍ରଜ୍ଞା ଅପର୍ଣ୍ଣା ଖମାରୀଙ୍କୁ ପାହାଡପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇ ତୁରନ୍ତ ବିଦ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଏହି ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ ପରସ୍ପରକୁ ମାଡ ମାରିବା ଘଟଣାରୋଚକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ୯ ଜଣ ଛାତ୍ରଛାତ୍ରୀଙ୍କୁ ବଦଳି ହୋଇଥିବା ଶିକ୍ଷକ ମାଡମାରିବା ଘଟଣା ଅନ୍ୟ ଏକ ବିବାଦ ସୃଷ୍ଟି କରିଥିଲା। ଆଜକୁ ପ୍ରାୟ ୬ମାସ ହେବ ୨ ଶିକ୍ଷୟିତ୍ରୀଙ୍କ ମଧ୍ୟରେ କଳିଝଗଡା, ପରସ୍ପରକୁ ଦୋଷାରପ, ପରସ୍ପର ବିରୋଧରେ କୁତ୍ସାରଟନା ଲାଗି ରହିଥିବା ବେଳେ ଚଳିତ ୮ ତାରିଖ ଦିନ ଏହି ଅସନ୍ତୋଷ ବିସ୍ଫୋରିତ ହୋଇଥିଲା।

**ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ମାମଲା**

# ଅଭିଯୁକ୍ତକୁ ୫ ବର୍ଷ ଜେଲ ଦଣ୍ଡ

**କେନ୍ଦୁଝର,୧୮।୭(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଗୁରୁବାର ଏକ ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ମାମଲାର ବିଚାର କରି ପାଟଣା ଥାନା ଅନ୍ତର୍ଗତ ଦୁବେଇପେଣ୍ଟ ଗ୍ରାମର ଅଭିଯୁକ୍ତ ବାବୁଲି ନାଏକ(୨୨)କୁ ୫ବର୍ଷ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା, ଜରିମାନା ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ, ୯ ବର୍ଷର ପୀଡ଼ିତା ୨୦୨୩ ସେପ୍ଟେମ୍ବର ୨୬ ତାରିଖରେ ବାପା ମାଆଙ୍କ ୧୦ ଟଙ୍କା ମାଗିଥିଲା। ତେବେ ଏହି ସମୟରେ ଅଭିଯୁକ୍ତ ତାକୁ ଖାତା କଲମ କିଣିଦେବ କହି ଗାଁ ଦୋକାନକୁ ନେଇଯାଇଥିଲା। କିନ୍ତୁ ଏକ ନିଛାଟିଆ ଜାଗା ଦେଖି ଅଭିଯୁକ୍ତ ବାବୁଲି ପୀଡ଼ିତାକୁ ଦୁଷ୍କର୍ମ ଉଦ୍ୟମ କରୁଥିଲା। ପୀଡ଼ିତାର ଫେରିବାରେ ଡେରି ହେବାରୁ ତାର ମାଆ ଡାକି ଡାକି ଖୋଜୁଥିବା ବେଳେ ଅଭିଯୁକ୍ତ ପୀଡ଼ିତାକୁ ଛାଡି ଦୌଡି ପଳାଇ ଯାଇଥିଲା। ଉଲଗ୍ନ ଅବସ୍ଥାରେ ପାଇ ତାର ମାଆ ପଚାରିବାରୁ ପୀଡିତା ମାଆ ଆଗରେ ଘଟଣା ସଂପର୍କରେ କହିଥିଲା। ଏ ନେଇ ପାଟଣା ଥାନାରେ ପୀଡ଼ିତାର ବାପା ଲିଖିତ ଅଭିଯୋଗ କରିଥିଲେ। ଏ ସଂପର୍କରେ ପାଟଣା ଥାନାରେ ୧୬୫ ତା ୨୭-୯-୨୦୨୩ ରିଖରେ ଏକ ଅପହରଣ ଓ ଦୁଷ୍କର୍ମ ଉଦ୍ୟମ ମାମଲା ରୁଜୁ ହୋଇ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଗୁରୁବାର ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା କେଶ ପରିଚାଳନା କରୁଥିଲେ।

# ସୁନାବେଶରେ ଝଲସିଲେ କେଶଦୁରାପାଳ ଦଧିବାମନଜୀଉ



**ଆନନ୍ଦପୁର,୧୮।୭(ସମିସ):** କେଶଦୁରାପାଳ ଦଧିବାମନଜୀଉଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଯଥାବିଧି ନୀତିକାନ୍ତି ସରିବା ପରେ ଶ୍ରୀବିଗ୍ରହମାନଙ୍କୁ ପୁଷ୍ପ ଅଳଙ୍କାର ବେଶ ଅଳଙ୍କାର ଲାଗି କରାଯିବା ପରେ ଦିନ ତିନିଟା ସମୟରେ ଘଣ୍ଟ, ଶଙ୍ଖ, କାହାଳି, କୀର୍ତ୍ତନ ଓ ପାଟଛାତ୍ରୀ ମଧ୍ୟରେ ମହାପ୍ରଭୁଙ୍କ ଦିବ୍ୟ ଅଳଙ୍କାରକୁ କେଶଦୁରାପାଳ ଗୋପୀନାଥପୁର ବ୍ରାହ୍ମଣ ସେବାୟତ ଦ୍ୱାରା ମନ୍ଦିରରୁ ରଥ ନିକଟକୁ ନିଆଯାଇଥିଲା। ଶ୍ରୀବିଗ୍ରହମାନଙ୍କୁ ପାଟବସ୍ତ୍ର ପରିଧାନ କରାଯିବା ପରେ ହସ୍ତ, ପାଦ, ଆୟୁଧ, ମୁକୁଟ, କିରିଟ, କୁଣ୍ଡଳ, ମଣିହାର, ରତ୍ନଚିତା ପ୍ରକୃତି ଦିବ୍ୟ ଅଳଙ୍କାର ମାନ ଲାଗି କରାଯାଇଥିଲା। ପରେ ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟା ୫ଟା ରାତି ୧୦ଟା ଯାଏଁ ଭକ୍ତମାନଙ୍କ ଜନ ସମାଗମ ହୋଇଥିଲା। ଯଦିଓ ଏହି ମନ୍ଦିର ଓ ରଥ ବହୁ ପ୍ରାଚୀନ; ତେବେ ଗତ ଦୁଇ ବର୍ଷ ଧରି କେଶଦୁରାପାଳ ୨୦୦୫ ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏଥିରେ ଗ୍ରାମର ଅନ୍ୟ ଛାତ୍ରଛାତ୍ରୀ ଓ ବଦାନ୍ୟ ବ୍ୟକ୍ତିଙ୍କର ସହଯୋଗ ମଧ ରହିଛି। ଡ୍ରାଇଭର ମହାସଂଘ ପକ୍ଷରୁ ଟଙ୍କତୋରାଣି ବଣ୍ଟନ କରାଯାଇଥିଲା କେଶଦୁରାପାଳ ବଡଦାଣ୍ଡରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ସାହାରପଡ଼ା-ମାଛଗଡ଼ ରାସ୍ତା ମରଣଯନ୍ତା



**ଡୁରୁମୁଙ୍ଗା,୧୮।୭(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡା ଠାରୁ ମାଛଗଡ଼ ଯାଏଁ ନବନିର୍ମିତ ଆରଡ଼ି ରାସ୍ତାରେ ବିରାଟ ଫାଟ ଦେଖିବାକୁ ମିଳିଛି। ସାମାନ୍ୟ ବର୍ଷା ଯୋଗୁଁ ରାସ୍ତା ଧସି ଯାଇଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଉକ୍ତ ରାସ୍ତାର ପ୍ରଧାନପଡା ଠାରେ ଏପରି ଦେଖିବାକୁ ମିଳିଛି। ଏଠାରେ ଦେଓକେନାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କେନାଲ ଉପରେ ଓଭର ବ୍ରିଜ କରାଯାଇ ରାସ୍ତା ନିର୍ମାଣ ଚାଲିଛି। ମାତ୍ର ଏହା ଭିତରେ ରାସ୍ତା ନିର୍ମାଣର ୬ ମାସରୁ ଉର୍ଦ୍ଧ୍ୱ କଟିଥିଲେ ମଧ ଠିକାଦାର ରାସ୍ତା ନିର୍ମାଣ କରୁ ନଥିବା ସ୍ଥାନୀୟ ଲୋକ ମାନେ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ଲୋକେ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ନିକଟରେ ଅଭିଯୋଗ କରିବା ପରେ ବିଧାୟକ ଉକ୍ତ ରାସ୍ତା ପରିଦର୍ଶନ କରି କ୍ଷୋଭ ପ୍ରକାଶ କରିଛନ୍ତି। ଠିକା ସଂସ୍ଥା ବିନା ଗାଡ଼ୱାଲରେ ପୋଲ ନିର୍ମାଣ କରାଯାଇଥିବା ଯୋଗୁଁ ଏପରି ସମସ୍ୟା ଦେଖା ଯାଇଥିବା ସେ କହିଛନ୍ତି। ଉକ୍ତ ଘଟଣାରେ ସେ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ଏହାର ମରାମତି ପାଇଁ ଆରଡ଼ି ବିଭାଗକୁ ତାଗିଦ କରିଛନ୍ତି। ଉକ୍ତ ସ୍ଥାନରେ ତୁରନ୍ତ ବ୍ୟାରିକେଡ୍ କରାଯିବା ସହ ସୂଚନା ଫଳକ ଲଗାଇବାକୁ ସେ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି। ଉକ୍ତ ରାସ୍ତା ସାହାରପଡା ଠାରୁ ଠାକୁରମୁଣ୍ଡା ଉଦଳା ମଧ ଦେଇ ବାଲେଶ୍ୱରକୁ ଯୋଗାଯୋଗ କରୁଛି। ତେଣୁ ଦୈନିକ ଛୋଟ ବଡ଼ ଗାଡି ସହ ଭାରୀଯାନ ଯାତାୟାତ କରୁଛି। ତେଣୁ ଏହାର ତୁରନ୍ତ ମରାମତିର ଆବଶ୍ୟକତା ଅଛି ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ କହିଛନ୍ତି। ପୂର୍ବ ସରକାର ସମୟରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏପରି ସମସ୍ୟା ଦେଖା ଦେଇଥିବା ଅଭିଯୋଗ ହୋଇଛି।

# ରୋଗରେ ପଡ଼ି ଯୁବକ ମୃତ



**ବେଲବାହାଲି, ୧୮।୭(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ପଞ୍ଚାୟତ ନୟାଗଡ ଗ୍ରାମରେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୁଚନା ଅନୁଯାୟୀ ନୟାଗଡ଼ ଗ୍ରାମର ପ୍ରଶାନ୍ତ ଦେହୁରୀଙ୍କ ପୁଅ ପପିନ ଦେହୁରୀ (୨୨ ) ଦୀର୍ଘ ଦିନ ହେବ ଅଜଣା ରୋଗରେ ପୀଡ଼ିତ ଥିଲେ। ପରିବାର ଲୋକେ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା କରେଇଥିଲେ ମଧ ସୁସ୍ଥ ନହେବାରୁ ଘରେ ପଡ଼ି ରହି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସ୍ୱର୍ଗତ ପପିନଙ୍କ ମୃତ୍ୟୁ ପରେ ସାରା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୁଖାଗ୍ନି ସାନ ଭାଇ ତପନ ଦେହୁରୀ ଦେଇଥିବା ବେଳେ ମରଶରୀରକୁ ସ୍ଥାନୀୟ କୁଶେଇ ନଦୀରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

**ବିଭାଗୀୟ ଅଧିକାରୀ କରୁଛନ୍ତି ଠିକା କାର୍ଯ୍ୟ**

# ପାଣି ପଞ୍ଚାୟତ କମିଟିରେ ତୀବ୍ର ଅସନ୍ତୋଷ

**ତେଲକୋଇ,୧୮।୭(ସମିସ):** ତେଲକୋଇ ବ୍ଲକ ସଲେଇକେନା ପଞ୍ଚାୟତରେ ଥିବା ହନୁମନ୍ତିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର କେନାଲ ମରାମତି ତଥା ସଫା ସୁତୁରା କାର୍ଯ୍ୟ କରାଯାଉଥିବା ବେଳେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ଅନ୍ଧାରରେ ରଖି ଜଳସେଚନ ବିଭାଗ ଠିକା କାର୍ଯ୍ୟ କରୁଥିବା ପାଣିପଞ୍ଚାୟତ ସଦସ୍ୟ ଅଭିଯୋଗ ଆଣିଛନ୍ତି। ଯାହାକୁ ନେଇ ଡିମିରିଆ ଗ୍ରାମର ହନୁ ମନ୍ତିଆ ପାଣି ପଞ୍ଚାୟତ କମିଟି, ଜଟ ଗ୍ରାମର ନୀଳମାଧବ ପାଣି ପଞ୍ଚାୟତ କମିଟି ଓ ହାଲପୁଡ଼ି ଗ୍ରାମର ମା' ନାଗପାଟ ପାଣି ପଞ୍ଚାୟତ କମିଟି କର୍ମକର୍ତ୍ତାଙ୍କ ସହିତ ହନୁମନ୍ତିଆ ପ୍ରକଳ୍ପ କମିଟିର ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ପବିତ୍ର




ମହାନ୍ତ ସଦସ୍ୟ ବାସବ ରାଜ ପ୍ରଧାନ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ ଶ୍ରୀ ସୋରେନଙ୍କୁ ପଚାରିବାରୁ ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଁ ନିଜେ କେନାଲ ସଫା କାର୍ଯ୍ୟ କରାଉଥିଲି। ବିଭାଗ ପକ୍ଷରୁ ଏଥିପାଇଁ କୌଣସି ନିର୍ଦ୍ଦେଶ କିମ୍ବା ଅନୁଦାନ ଆସିନାହିଁ ବୋଲି କହିଛନ୍ତି। ଅଭିଯୋଗ ପରେ କେନାଲ ସଫା କାର୍ଯ୍ୟ ବନ୍ଦ କରାଯାଇଛି।

# ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଅବ୍ୟବସ୍ଥା

**ତେଲକୋଇ,୧୮।୭(ସମିସ):** ତେଲକୋଇ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରେ ଗ୍ରାହକ ମାନେ ଆଧାର ସଂଯୋଗ ତଥା (କେୱାଇସି) ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଶାଖା ପରିଚାଳକଙ୍କ ମନମୁଖୀ କାର୍ଯ୍ୟ ଓ ଅବହେଳା ଯୋଗୁଁ ଗ୍ରାହକ ଏଭଳି ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ଉଠିଛି। ଗ୍ରାହକମାନେ ସପ୍ତାହକୁ ଦୁଇ ତିନିଥର କେୱାଇସି ଫର୍ମପୂରଣ କରି ଦାଖଲ କରୁଥିଲେ ସୁଦ୍ଧା ତାଙ୍କ ଜମା ଖାତାକୁ ଚାଲୁ କରାଯାଉ ନାହିଁ। ଫଳରେ ଲୋକେ ମେଡିକାଲ ଭଳି ଜରୁରୀ କାଳୀନ ସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ମାସ ମାସ ଧରି ଜମା ଖାତା ବନ୍ଦ ହୋଇ ରହୁଥିବାରୁ ବିଭିନ୍ନ ବର୍ଗର ଗ୍ରାହକ ଟଙ୍କା ନେଣ ଦେଣ ଭଳି ଆର୍ଥିକ ସମସ୍ୟାରେ ପଡୁଛନ୍ତି। ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାହକଙ୍କ ମହଲରୁ ଦାବି ହୋଇଛି। ଏ ସମ୍ବନ୍ଧରେ ବିଭାଗୀୟ ଏଲ୍‌ଡିଏମ୍ ହିରାଲାଲ ମଲ୍ଲିକଙ୍କୁ ଦୃଷ୍ଟି ଆକର୍ଷଣ କରିବାରୁ ସ୍ଥାନୀୟ ଶାଖା ପରିଚାଳକଙ୍କ ସହିତ ଆଲୋଚନା କରି ଉକ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ନୂତନ ଜିପିଓଙ୍କ କାର୍ଯ୍ୟରେ ଯୋଗଦାନ

**ବାରିକପୁର,୧୮ ।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକର ନୂତନ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରିଣୀ (ଜିପିଓ) ଭାବେ ଶୁଚିସ୍ମିତା ନାୟକ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକରେ କାର୍ଯ୍ୟରତ ଥିବା ବେଳେ ବଦଳି ଆଦେଶ ଅନୁଯାୟୀ ଭଣ୍ଡାରିପୋଖରୀ ଜିପିଓ ଭାବେ ଗତ ମଙ୍ଗଳବାର ଦିନ ଦାୟିତ୍ୱ ନେଇଛନ୍ତି। ଏଠାରେ କାର୍ଯ୍ୟରତ ଥିବା ଜିପିଓ ମୀନକେତନ ବାରିକଙ୍କର ମଧ୍ୟ କଟକ ଜିଲ୍ଲା ସାଲେପୁର ବ୍ଲକକୁ ବଦଳି ହୋଇଛି। ଏଠାରେ ସୂଚିତ ଗତ ୭-୯-୨୦୨୩ ମସିହାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୧୫ଜଣ ଅଧିକାରୀଙ୍କର ବଦଳି ଆଦେଶ ପ୍ରକାଶ ପାଇଥିଲା। ପରେ ପରେ ନିର୍ବାଚନ ସଂକ୍ରାନ୍ତୀୟ କାର୍ଯ୍ୟ ପାଇଁ କୌଣସି ଅଧିକାରୀଙ୍କୁ ସ୍ଥାନାନ୍ତରିତ କରାଯାଇନଥିଲା। ପୂର୍ବ ଆଦେଶ ଅନୁଯାୟୀ ଏବେ ବଦଳି ଆଦେଶ କାର୍ଯ୍ୟକାରୀ ହୋଇଥିବା ବେଳେ ନିର୍ଦ୍ଦେଶ ଅନୁଯାୟୀ ଅଧିକାରୀ ମାନେ ନୂତନ ସ୍ଥାନକୁ ଆସି ସେମାନଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି।

## ସର୍ବୋଚ୍ଚ ଯନ୍ତ୍ରୀଙ୍କ ନଦୀବନ୍ଧ କାର୍ଯ୍ୟ ପରିଦର୍ଶନ



**ବାରିକପୁର,୧୮ ।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ସ୍ଥିତ ବୈତରଣୀ ଆନିକଟ ସମେତ ନଦୀବନ୍ଧ କାର୍ଯ୍ୟକୁ ଆଜି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ସଚିବ ଆଶୁତୋଷ ଦାସ ପରିଦର୍ଶନ କରିଛନ୍ତି। ଶ୍ରୀ ଦାସ ପ୍ରଥମେ ଆନିକଟ ଠାରେ ପହଞ୍ଚି ଉପସ୍ଥିତ ବିଭାଗୀୟ ଯନ୍ତ୍ରୀ ମାନଙ୍କ ସହିତ ବିଭିନ୍ନ ଆଲୋଚନା କରିଥିଲେ। ବିଶେଷ କରି ଆନିକଟ ଠାରେ ପ୍ରସ୍ତାବିତ ଏକିକୃତ ଜଳ ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ସେ ଅନୁଧ୍ୟାନ କରିଥିଲେ। ଏନେଇ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏହାଛଡ଼ା ବାଲିପୋଖରୀ ଓ କଂଟି ଏସକେପ ସମେତ ବୈତରଣୀ ବାମପାର୍ଶ୍ୱ ବିରିଡ଼ି ଠାରୁ ମଣିନାଥପୁର ଯାଏଁ ନଦୀବନ୍ଧର ନବୀକରଣ କାର୍ଯ୍ୟ ବୁଲି ଦେଖିଥିଲେ। ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହିତ ଅଧିକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡେଇ, ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ଚରଣ ଜେନା, କନିଷ୍ଠ ଯନ୍ତ୍ରୀ ଶୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମଧ୍ୟାହ୍ନରେ ଧାମନଗର ଜଳ ସମ୍ପଦ ବିଭାଗ ଅଧୀନ ବିଭିନ୍ନ ନଦୀବନ୍ଧ କାର୍ଯ୍ୟ ବୁଲି ଦେଖିଥିବା ବେଳେ ବନ୍ୟା ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସର୍ବୋଚ୍ଚ ଯନ୍ତ୍ରୀ ସମୀକ୍ଷା କରିଥିବା ଜଣାପଡିଛି।

## ୧୬ ଚକିଆ ଟ୍ରକ୍ ସହ କୋଇଲା ଜବତ




**ତିହିଡ଼ି,୧୮।୭(ସମିସ):** ଏକ ୧୬ ଚକିଆ କୋଇଲା ବୋଝେଇ ଟ୍ରକକୁ ତିହିଡ଼ି ପୁଲିସ ଜବତ କରିଛି। ଗତକାଲି ରାତ୍ରିରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସଂପୃକ୍ତ ଟ୍ରକରେ କୋଇଲା ବୋଝେଇ ହେଉଥିବା ଦେଖିବାକୁ ପାଇଥିଲା। ପୁଲିସ ପହଞ୍ଚିବାରୁ ଡ୍ରାଇଭର ଓ ଲୋଡ଼ କରୁଥିବା ଶ୍ରମିକମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେବେ ପୁଲିସ ଏହି ଗାଡ଼ିଟକୁ ଜବତ କରି ଥାନାକୁ ନେଇ ଆସିଛି। ଗାଡ଼ିରେ ୫୦ ରୁ ୬୦ ବସ୍ତା କୋଇଲା ରହିଥିବା ପୁଲିସ କହିଛି। ଗାଡ଼ିର ମାଲିକ ଓ ଏହାକୁ କିଏ ଆଣି କୋଇଲା ଲୋଡ଼ କରୁଥିଲା ସେ ନେଇ ଅନୁସନ୍ଧାନ ଚାଲିଛି ବୋଲି ତିହିଡ଼ି ଥାନା ଅଧିକାରୀ ପ୍ରସନ୍ନ କୁମାର ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଚୋରା କୋଇଲା ରାକେଟ ଗୁଡ଼ିକ ଏତେ ମଜଭୁତ ଓ ସଂଗଠିତ ହୋଇ ଉଠିଲେଣି କେହି ସ୍ୱର ଉଠାଇଲେ ସେମାନେ ତାଙ୍କୁ ଆକ୍ରମଣ କରିବାକୁ ମଧ୍ୟ ପଛାଉନାହାନ୍ତି। ଗାଳିଗୁଲଜ ମଧ୍ୟ କରୁଛନ୍ତି। ସଂପ୍ରତି ଚୋରା କୋଇଲା ବ୍ୟବସାୟ କୋଟି କୋଟି ଟଙ୍କାରେ ପହଂଚିଲାଣି। ଏହା କିପରି ଚାଲିଛି ଓ ଏହା ପଛରେ କେଉଁମାନେ ଅଛନ୍ତି ସେ ନେଇ ତଦନ୍ତ କରାଗଲେ ବହୁ ଗୁମର ପଦାରେ ପଡ଼ନ୍ତା ବୋଲି ଆଲୋଚନା ହେଉଛି।

### ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସାହାରା ଇଣ୍ଡିଆ କର୍ତ୍ତୃପକ୍ଷଙ୍କୁ ଆର୍ଥିକ ଦଣ୍ଡାଦେଶ

**ଭଦ୍ରକ,୧୮ ।୭(ସମିସ)**

ଭଦ୍ରକ ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ ଆୟୋଗ ଗତ ୧୬ତାରିଖରେ ଏକ ଉପଭୋକ୍ତା ଜନିତ ମାମଲାର ବିଚାର କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଭଦ୍ରକ ଶାଖା ସାହାରା ଇଣ୍ଡିଆ କର୍ତ୍ତୃପକ୍ଷ ଦଣ୍ଡିତ ହୋଇଛନ୍ତି। ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ସହର ବରାଳପୋଖରୀ ଅଞ୍ଚଳର ଶୁକଦେବ ପାଣିଗ୍ରାହୀଙ୍କ ପୁଅ ଗଙ୍ଗାଧର ପାଣିଗ୍ରାହୀଙ୍କର ୨ଟି ଫିକ୍ସ ଡିପୋଜିଟ ବଣ୍ଡ ରହିଥିଲା। ଗୋଟିଏ ୧୪ହଜାର ୫ଟଙ୍କା ଓ ଅନ୍ୟଟି ୨ଲକ୍ଷ ୬୭ହଜାର ଟଙ୍କାର ଫିକ୍ସ ଡିପୋଜିଟ୍ ଥିଲା। ଏହାର ମାଚ୍ୟୁରିଟି ଅବଧି ଗତ ୬-୨-୧୯ ଓ ୧୫-୨-୧୯ ତାରିଖରେ ଥିଲା। ମୋଟ ୪ଲକ୍ଷ ୩୨ହଜାର ୬୪୭ ଟଙ୍କାର ମାଚ୍ୟୁରିଟି ଅର୍ଥ ଶୁକଦେବ ପାଇବା କଥା। ମାତ୍ର ତାଙ୍କୁ ତାଙ୍କ ପ୍ରାପ୍ୟ ଭଦ୍ରକ ସାହାରା ଇଣ୍ଡିଆ କର୍ତ୍ତୃପକ୍ଷ ପ୍ରଦାନ କରିନଥିଲେ। ଫଳରେ ସେ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଏକ ମାମଲା (ସିସି ମାମଲା ନମ୍ବର-୩୪/୨୦୧୯)ଦରଜ କରିଥିଲେ। ଏହି ମାମଲାରେ ସେ ଭଦ୍ରକ ଶାଖା ସାହାରା ଇଣ୍ଡିଆର ବ୍ରାଞ୍ଚ ମ୍ୟାନେଜର ଓ ଲିଗାଲ ମ୍ୟାନେଜର ହମାରା ଇଣ୍ଡିଆ କ୍ରେଡିଟ୍ କୋ-ଅପରେଟିଭ୍ କୋଲକତାଙ୍କୁ ପକ୍ଷଭୁକ୍ତ କରିଥିଲେ। ତେବେ ଏହି ମାମଲାରେ ସାହାରା ଇଣ୍ଡିଆ କର୍ତ୍ତୃପକ୍ଷ ତାଙ୍କ ଜବାବରେ କୋ-ଅପରେଟିଭ ସୋସାଇଟି ଉପଭୋକ୍ତା ଆୟୋଗଙ୍କ ପରିସରଭୁକ୍ତରେ ଆସୁନଥିବା ଦର୍ଶାଇଥିଲେ। ତେବେ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ସର୍ବୋଚ୍ଚ ନ୍ୟାୟାଳୟରେ ଥିରୁମୁରୁଦାନ୍ କୋ-ଅପରେଟିଭ୍ ଏଗ୍ରିକଲଚରାଲ ସୋସାଇଟି ବନାମ ଏମ୍.ଲଳିତାଙ୍କ ମାମଲାର ଡିସିସନ ଅନୁଯାୟୀ ଏହି ମାମଲା ଉପଭୋକ୍ତା ଆୟୋଗଙ୍କ ଅଧୀନରେ ବିଚାର ହୋଇପାରିବେ ବୋଲି ଦର୍ଶାଇଥିଲେ। ଆଉ ଉକ୍ତ ଉପଭୋକ୍ତା ଜନିତ ମାମଲାର ସମସ୍ତ କାଗଜପତ୍ର ଓ ବୟାନକୁ ଯାଞ୍ଚ କରି ଗତ ୧୬ ତାରିଖରେ ଆୟୋଗ ତାଙ୍କ ରାୟରେ ଭଦ୍ରକ ଶାଖା ସାହାରା ଇଣ୍ଡିଆର ବ୍ରାଞ୍ଚ ମ୍ୟାନେଜର ଶ୍ରୀ ପାଣିଗ୍ରାହୀଙ୍କୁ ତାଙ୍କ ମ୍ୟାଚ୍ୟୁରଟି ବାବଦକୁ ୬ଲକ୍ଷ ୩୨ହଜାର ୬୪୭ଟଙ୍କା ଗତ ୬-୨-୧୯ତାରିଖରୁ ବାର୍ଷିକ ୬ ପ୍ରତିଶତ ସୁଧରେ ଗତ ୧୬-୭-୨୪ (ରାୟ ପ୍ରକାଶ ଦିନ) ଯାଏଁ ପ୍ରଦାନ କରିବାକୁ ଆଦେଶ କରିଛନ୍ତି । ସେହିଭଳି ଉପଭୋକ୍ତା ଶ୍ରୀ ପାଣିଗ୍ରାହୀଙ୍କୁ ସାହାରା ଇଣ୍ଡିଆ କର୍ତ୍ତୃପକ୍ଷ କ୍ଷତିପୂରଣ ବାବଦକୁ ୨୦ହଜାର ଟଙ୍କା ଓ ମାମଲା ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ପ୍ରଦାନ କରିବାକୁ ଆଦେଶ କରିଛନ୍ତି। ୩୦ଦିନ ମଧ୍ୟରେ ଉକ୍ତ ଅର୍ଥ ପ୍ରଦାନ ନକଲେ ବର୍ଷକୁ ୬ ପ୍ରତିଶତ ସୁଧ ସହ ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଶୁକ୍ରବାରରୁ ରାସ୍ତା ଦୁଇପାର୍ଶ୍ୱରୁ ଉଚ୍ଛେଦ ଅଭିଯାନ

**ଭଦ୍ରକ,୧୮ ।୭(ସମିସ):** ସାରା ରାଜ୍ୟରେ ସରକାରୀ ଜମିରୁ ବେଆଇନ ଦଖଲ ହଟାଇବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଏହି ବେଆଇନ ଜବର ଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସରକାରୀ ଜମିରେ ନିର୍ମିତ କୋଠାବାଡିକୁ ବୁଲଡୋଜର ଚଢାଇ ଉଚ୍ଛେଦ କରାଯିବାକୁ ରାଜସ୍ୱ ମନ୍ତ୍ରୀ ମଧ୍ୟ ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଭଦ୍ରକ ସହରର ପ୍ରମୁଖ ରାସ୍ତାକଡର ସରକାରୀ ଜମି ଏବେ ଜବରଦଖଲ ହୋଇ ଦୀର୍ଘଦିନରୁ ରହିଛି। ମୁଖ୍ୟତଃ ଅସ୍ଥାୟୀ ଦୋକାନ ଘର ଓ ଠେଲା ଉଠାଦୋକାନୀମାନେ ଏହି ରାସ୍ତାକଡକୁ ଏବେ ନିଜ କବ୍‌ଜାରେ ରଖିଛନ୍ତି। ଫଳରେ ଟ୍ରାଫିକ ନିୟନ୍ତ୍ରଣ ବାଧାପ୍ରାପ୍ତ ହେବା ସହ ପାର୍କିଂ ବ୍ୟବସ୍ଥା ତଥା ଯାତାୟତ କରିବାକୁ ଏକ ପ୍ରକାର ମୁସ୍କିଲ ହୋଇଯାଇଛି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସରକାରୀ ପାଦଚଲା ରାସ୍ତା ବା ଫୁଟପାଥକୁ ଅସ୍ଥାୟୀଦୋକାନୀମାନେ ଦଖଲ କରିଥିବା ବେଳେ ରାସ୍ତା ଉପରେ ଉଠାଦୋକାନୀମାନେ ସେମାନଙ୍କ ବ୍ୟବସାୟ ପସରା ମେଲାଇଛନ୍ତି। ଯାହାକୁ ନେଇ ଜନ ଅସନ୍ତୋଷ ତ୍ରୀବରୂପ ଧାରଣ କରିଛି। ଏପରିସ୍ଥଳେ ଆଜି ସରକାରୀ ଜମିକୁ ଆସନ୍ତା ଶୁକ୍ରବାର ସୁଦ୍ଧା ଅବରୋଧ ମୁକ୍ତ କରିବାକୁ ସହରରେ ମାଇକ୍ ପ୍ରଚାର କରିଛି ଜିଲ୍ଲା ପ୍ରଶାସନ। ଦୁଇଟି ପର୍ଯ୍ୟାୟରେ ମହତାବ ଛକରୁ ଅପର୍ତ୍ତିବିନ୍ଧା ଛକ ଯାଏଁ ପୁଣି ଅପର୍ତ୍ତିବିନ୍ଧା ଛକରୁ ବନ୍ତଛକ ଯାଏଁ ଓ ପୁଣି ଅପର୍ତ୍ତିବିନ୍ଧା ଛକରୁ ସାଳନ୍ଦୀ ବାଇପାସ ଛକଯାଏଁ ରାସ୍ତାର ଦୁଇପାର୍ଶ୍ୱରେ ସରକାରୀ ଜମିକୁ ଅବରୋଧମୁକ୍ତ କରାଯିବ। ତେଣୁ ଶୁକ୍ରବାର ସୁଦ୍ଧା ଜବରଦଖଲକାରୀମାନେ ନିଜ ଆଡୁ ଅବରୋଧମୁକ୍ତ ନକଲେ, ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଭଦ୍ରକ ସହରାଞ୍ଚରେ ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ଏବେ ଅସଂଖ୍ୟ ଜବରଦଖଲକାରୀମାନେ ନିଜ ଅକ୍ତିଆରକୁ ନେଇ ବ୍ୟବସାୟ ଚଳାଇଛନ୍ତି। ଏପରିକି ରାସ୍ତାକଡର ପ୍ରମୁଖ ମାର୍କେଟ କଂପ୍ଲେକ୍ସ ସମ୍ମୁଖକୁ ଉଠାଦୋକାନୀଙ୍କୁ ଭଡାସୂତ୍ରେ ଦେଇ ବହୁ ବ୍ୟବସାୟୀ ଅର୍ଥ ଉପାର୍ଜନ କରୁଛନ୍ତି। କେତେକ କେବିନ ଓ ଅସ୍ଥାୟୀ ଘର ନିର୍ମାଣ କରି ସେମାନଙ୍କ ବ୍ୟବସାୟ ଚଳାଇଛନ୍ତି। ସେହିପରି ଫୁଟପାଥରେ ଖଟ ପକାଇ ବହୁ ବ୍ୟବସାୟୀ ରାସ୍ତାକୁ ସଂକୀର୍ଣ୍ଣ କରିଛନ୍ତି। ଏଦିଗରେ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିବା ଓ ଏହା ଅବରୋଧମୁକ୍ତ ହୋଇ ପୁଣି ଅବରୋଧ ହେବ କି ନାହିଁ ଏହା ଦେଖିବାକୁ ସହରବାସୀଙ୍କ ମଧ୍ୟରେ ଉତ୍ସୁକତା ସୃଷ୍ଟି ହୋଇଛି।

**ଚେତିଲା ପ୍ରଶାସନ**



## ମଦ୍ରାସାରେ କୁଇଜ୍ ପ୍ରତିଯୋଗିତା



**ଭଦ୍ରକ,୧୭ ।୭(ସମିସ):** ଭଦ୍ରକ ପୌରପାଳିକା ଅନ୍ତର୍ଗତ କଣ୍ଟାବଣିଆ ଗ୍ରାମରେ ଅବସ୍ଥିତ ମଦ୍ରାସା ଫୈଯାନେ ଗରୀବ ନୱାଜ ଆନୁକୂଲ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଦ୍ରାସା ସଂପାଦକ ସାହିଦ ରଫିକଙ୍କ ସଭାପତିତ୍ୱରେ ଏହି କୁଇଜ ପ୍ରତିଯୋଗିତାକାରୀ ଏଜାଜ ସାହେବଙ୍କ କୋରାନ ପାଠରୁ ଆରମ୍ଭ ହୋଇଥିଲା। ଏହି ମଦ୍ରାସାରେ ପ୍ରାୟ ୧୬୫ ଜଣ ମୁସଲମାନ ଛାତ୍ରଛାତ୍ରୀ ମାଗଣାରେ କୁରଆନ୍ ପାଠ ଅଧ୍ୟୟନ କରୁଛନ୍ତି। ଉକ୍ତ ପ୍ରତିଯୋଗିତାରେ ସେଖ ଜାବେଦ କାଦରୀ ପ୍ରଥମ ସ୍ଥାନ, ମହମ୍ମଦ ସେଖ ମହସିନ ରଯା ଦ୍ୱିତୀୟ ସ୍ଥାନ ଓ ସେଖ ଅସଦ ହୋସେନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ମୋଟ ୨୮ ଜଣ ପ୍ରତିଯୋଗି ଭାଗ ନେଇଥିଲେ। ସମସ୍ତ ପ୍ରତିଯୋଗୀମାନଙ୍କୁ ସିଲ୍ କପ୍ ଦିଆଯିବା ସହିତ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାରୀ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପ୍ରାଧ୍ୟାପକ ଡକ୍ଟର ଅବଦୁଲ ଗଫାର, ମଦ୍ରାସା ଶିକ୍ଷକ କାରୀ ୱଲିଉର ରହେମାନ ଓ ମଦ୍ରାସା ଉପସଭାପତି ସେଖ ମୋହିନୁଦ୍ଦିଙ୍କ ଦ୍ୱାରା ଉପହାରମାନ ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ସଂଚାଳକ ଭାବେ ଜନାବ ଅବଦୁଲ ବାରୀ ସାହେବ ଦାୟିତ୍ୱ ତୁଲାଇଥିଲେ। ଏହି ପ୍ରତିଯୋଗିତାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପିତାମାତା, ଅଭିଭାବକ ଓ ଅନ୍ୟ ଶ୍ରୋତାମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ମହମ୍ମଦ ଅବଦୁଲ ରହିମ, ସେଖ ଆଶିକ, ଇସତିଆକ୍ ଖାନ, ସାହାଜାନ ଖାନ୍, ଆବିଦ ଖାନ, ସେକ ସଲାଉଦ୍ଦିନ, ସେକ ହାକିମ, ସେକ ଫକରେ ଆଲମ, ସେକ ମାଙ୍ଗୋ ଓ ଅନ୍ୟମାନେ ସହଯୋଗ କରି ପରିଚାଳନା କରିଥିଲେ।

## ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରରୁ ଚୋରି

**ତିହିଡି,୧୮ ।୭(ସମିସ):** ତିହିଡି ଥାନା ଦୋଳସାହି ପଞ୍ଚାୟତ ଅଧିନ ରାଢଙ୍ଗରେ ସ୍କୁଲ ଓ ଦୁଇଟି ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଚୋର ମାନେ ଘରର ଏକାଧିକ ତାଲା ଭାଙ୍ଗି ଲୁଟି ନେଇଛନ୍ତି ବିଭିନ୍ନ ସାମଗ୍ରୀ। ଏନେଇ ଥାନାରେ ୩ଟି ପୃଥକ ପୃଥକ ଏତଲା ଦାୟର ହୋଇଥିବା ସୂଚନା ମିଳିଛି। ରାଢଙ୍ଗ ବାସନ୍ତୀ ପଡିଆସ୍ଥିତ ଡିକେ ପ୍ରକଳ୍ପ ସରକାରୀ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟ ଫାଟକର ତାଲା ଭଙ୍ଗା ଯାଇ ନଥିବା ବେଳେ ଅଫିସ ଗୃହ ଓ ଶ୍ରେଣୀ ଗୃହର ତାଲା ଭଙ୍ଗାଯାଇ ବାହାରେ ପଡିଥିବା ଦେଖିବାକୁ ମିଳିଛି। ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନ .ଉଳ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ଏନେଇ ଭାରପ୍ରାପ୍ତ ପ୍ରଧାନ ଶିକ୍ଷିକା ସ୍ନେହାଞ୍ଜଳି ପାଣିଗ୍ରାହୀ ଥାନାରେ ଏତଲା ଦେଇଥିବା ଜଣାଯାଇଛି। ସେହିପରି ବିଦ୍ୟାଳୟ ନିକଟସ୍ଥ ସେନାପତିସାହି ଅଙ୍ଗନୱାଡି-୨ କେନ୍ଦ୍ରରୁ ୫୦ କିଲୋଗ୍ରାମ .ଉଳ ବସ୍ତା, ଗ୍ୟାସ ଭରା ଏଲପିଜି ସିଲିଣ୍ଡର, ୩ଟି ଟ୍ରେ ଅଣ୍ଡା, ରେସନ ସାମଗ୍ରୀ, ନୂଆ ପ୍ରେସର କୁକର, ଟିଏଚଆର ଖାତା ଓ ଅନ୍ୟାନ୍ୟ ଦୈନିକ ଖାତା ଥିବା ଏକ ବ୍ୟାଗ ଚୋରି ହୋଇଥିବା କେନ୍ଦ୍ରର କର୍ମୀ ବାସନ୍ତୀଲତା ଧୁପାଳ ଏତଲାରେ ଦର୍ଶାଇଛନ୍ତି। ସେହିପରି ରାଢଙ୍ଗ ଅଙ୍ଗନୱାଡି କେନ୍ଦ୍ର-୨ରୁ ଗ୍ୟାସ ଚୂଲା ଓ ଟାଙ୍କି, ୩୦ କିଲୋଗ୍ରାମ .ଉଳ, ଏକ ଟ୍ରେ ଅଣ୍ଡା ଓ ରେସନ ସାମଗ୍ରୀ ଚୋରି ହୋଇଥିବା କର୍ମୀ ସାବିତ୍ରୀ ନାଥ ଏତଲାରେ ଦର୍ଶାଇଛନ୍ତି। ଖବର ପାଇ ଦୋଳସାହି ସରପଞ୍ଚ ଗୌରୀଶଙ୍କର ଜେନା ଘଟଣା ସ୍ଥଳ ପରିଦର୍ଶନ କରିବା ସହିତ ଚୋର ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଆଇସିଙ୍କୁ ନିବେଦନ କରିଛନ୍ତି।

## ଆରମ୍ଭରୁ ବନ୍ଦ ନୂତନ ପ୍ରାଥମିକ କୃଷି ସମବାୟ ସମିତି

**ବାରିକପୁର,୧୮।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ଠାରେ ନୂଆକରି ଖୋଲା ଯାଇଥିବା ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟଟି ଆରମ୍ଭରୁ ବନ୍ଦ ହୋଇଯାଇଛି। ସୂଚନାନୁଯାୟୀ କୁରିଗାଁ ପଞ୍ଚାୟତର ପ୍ରାୟ ଦୁଇ ହଜାରରୁ ଅଧିକ ଚାଷୀ ସରସଦା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ରହିଥିଲେ। ଏହାଛଡା ଅନେକ ସଞ୍ଚୟ ଜମାକାରୀ ମଧ୍ୟ ଉକ୍ତ ସମିତି ଅଧୀନରେ ଦୀର୍ଘ ବର୍ଷ ହେବ ରହିଛନ୍ତି। ସରସଦା ଠାରୁ କୁରିଗାଁ ମଧ୍ୟରେ ବ୍ୟବଧାନ ଅଧିକ ଥିବାରୁ ଅନେକ ସମୟରେ ସାଧାରଣ ଚାଷୀଟିଏ ଉପଯୁକ୍ତ ସୁବିଧା ସୁଯୋଗ ପାଇ ପାରୁନଥିଲେ। ତେଣୁ ୨୦୨୩ରେ କୁରିଗାଁଠାରେ ଏକ ନୂତନ ପ୍ରାଥମିକ କୃଷି ସମବାୟ ସମିତି ପ୍ରତିଷ୍ଠା ହୋଇଥିଲା। ନିୟମ ଅନୁସାରେ ନୂତନ ସମ୍ପାଦକ ଓ ଦୁଇଜଣ କର୍ମଚାରୀ ମଧ୍ୟ ସମିତି କାର୍ଯ୍ୟ ପାଇଁ ନିଯୁକ୍ତି ହୋଇଥିଲେ। ନୂତନ କାର୍ଯ୍ୟାଳୟ ଖୋଲିବାର ମାତ୍ର କେଇଟା ଦିନ ପରେ ବିଭାଗୀୟ ରେଜିଷ୍ଟାର ଉକ୍ତ ନିୟମକୁ ରଦ୍ଦ କରିବା ସହିତ ନିଯୁକ୍ତିକୁ ବେଆଇନ ବୋଲି ଦର୍ଶାଇଥିଲେ। ସେବେଠାରୁ କାର୍ଯ୍ୟାଳୟ ବନ୍ଦ ହୋଇଯାଇଛି। ରେଜିଷ୍ଟାରଙ୍କ ଚିଠି ଅନୁଯାୟୀ ଖୋଲାଯାଇଥିବା ନୂତନ ସମିତିରେ ନିକଟସ୍ଥ ସମବାୟ ସମିତିର ଜଣେ ବରିଷ୍ଠ ସମ୍ପାଦକ ଭାରପ୍ରାପ୍ତ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। କିଛିଦିନ କାର୍ଯ୍ୟ କରିବା ପରେ ଭାରପ୍ରାପ୍ତ ଅଧିକାରୀ ଜଣକ ନୂତନ ସମ୍ପାଦକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବେ ବୋଲି ରେଜିଷ୍ଟାର ନିଯୁକ୍ତି ଦେଇଥିଲେ। ଯେତେବେଳ ପ୍ରଥମେ ସମବାୟ ସମିତି ପ୍ରତିଷ୍ଠା ହେଲା ସେ ସମୟରେ ନୂତନ ନିଯୁକ୍ତି ସହିତ ସମିତି ପଞ୍ଜୀକରଣ ପାଇଁ ଯେଉଁ ଆଦେଶ ନାମା ଜାରି ହୋଇଥିଲା ତାକୁ ପରବର୍ତ୍ତୀ ସମୟରେ କାହିଁକି ବଦଳାଗଲା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି। ଭଣ୍ଡାରିପୋଖରୀ ବ୍ଲକର ରାମଚନ୍ଦ୍ରପୁର, ସାନଶାସନ ସମେତ କୁରିଗାଁ ଠାରେ ସମିତି କାର୍ଯ୍ୟାଳୟ ଖୋଲିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟକାରୀ ହୋଇଥିଲା। ସର୍ବ ପ୍ରଥମେ କୁରିଗାଁ ଠାରେ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇ କାମ ଆରମ୍ଭ କରିଥିଲେ ସୁଦ୍ଧା ମାତ୍ର ଦିନ କେଇଟା ପରେ ଏହା ବନ୍ଦ ହୋଇଯାଇଛି। ଅନ୍ୟ ଦୁଇଟି ପ୍ରସ୍ତାବିତ ସମିତି ମଧ୍ୟ ଖୋଲିବା ପୂର୍ବରୁ ଆଇନ ଜାଲରେ ଛନ୍ଦି ହୋଇଯାଇଛି।



### ୨୦ବର୍ଷ ହେବ ଆସୁନାହାନ୍ତି ଯନ୍ତ୍ରୀ

# ଡ୍ରେନେଜ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୂତକୋଠି

**ବାରିକପୁର,୧୮ ।୭(ସମିସ)**



ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ବୈତରଣୀ ଆନିକଟ ନିକଟରେ ଥିବା ଡ୍ରେନେଜ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ଦୀର୍ଘ ବର୍ଷ ହେବ ଭୂତକୋଠିର ପରିଣତ ହୋଇଛି। ଆଖୁଆପଦା ନାମରେ କାର୍ଯ୍ୟାଳୟ ଚାଲୁଥିଲେ ସୁଦ୍ଧା ପ୍ରାୟ ୨୦ବର୍ଷରୁ ଅଧିକ ହେବ କୌଣସି ଯନ୍ତ୍ରୀ ଏଠାକୁ ଆସି କାର୍ଯ୍ୟ କରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।ନୂତନ କାର୍ଯ୍ୟାଳୟଟି ପ୍ରତିଷ୍ଠା ହେବା ଦିନ ଠାରୁ ନିଯୁକ୍ତି ପାଇଥିବା ଯନ୍ତ୍ରୀ ମାନେ ଭଦ୍ରକରେ ରହି କାର୍ଯ୍ୟ କରୁଛନ୍ତି। ପର୍ଯ୍ୟାୟକ୍ରମେ ଯେଉଁ ଯନ୍ତ୍ରୀ ମାନେ ନିଯୁକ୍ତି ପାଉଛନ୍ତି ସେମାନେ କିନ୍ତୁ ଔପଚାରିକ ଦୃଷ୍ଟିରୁ କାଗଜପତ୍ରରେ ଆଖୁଆପଦା ନାମରେ ଷ୍ଟାମ୍ପ ମାରୁଥିଲେ ସୁଦ୍ଧା କାର୍ଯ୍ୟାଳୟ କେଉଁଠି ଅଛି ପ୍ରାୟତଃ ଜାଣନ୍ତି ନାହିଁ। ମୋଟାମୋଟି ଭାବେ କହିବାକୁ ଗଲେ ପ୍ରାୟ ୨୦ବର୍ଷ ହେବ କୌଣସି ଅଧିକାରୀ ଦିନଟିଏ ମଧ୍ୟ କାର୍ଯ୍ୟାଳୟରେ ବସିଥିବା କେହି ଦେଖିନାହାନ୍ତି। ମିଳିଥିବା ସୂଚନା ମୁତାବକ ୨୦୦୦ମସିହାରେ ଏଠାରେ ଡ୍ରେନେଜ ବିଭାଗର କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ବର୍ଷେ ଦୁଇ ବର୍ଷ ଯନ୍ତ୍ରୀ ଓ କର୍ମଚାରୀ ମାନେ ରହି ସମସ୍ତ କାର୍ଯ୍ୟ ଠିକଠାକ କରୁଥିଲେ। ହଠାତ ୨୦୦୩-୦୪ ମସିହା ଠାରୁ କାର୍ଯ୍ୟାଳୟଟିକୁ କୌଣସି ଯନ୍ତ୍ରୀ କିମ୍ବା କର୍ମଚାରୀ ମାନେ ଆଉ ଆସିଲେ ନାହିଁ।କାର୍ଯ୍ୟାଳୟ ସମେତ କର୍ମଚାରୀ ଗୃହ ଚାବି ପଡିଯାଇଥିବା ବେଳେ ଆସବାବପାତ୍ର ମଧ୍ୟ ଭଦ୍ରକକୁ ରାତାରାତି ସ୍ଥାନାନ୍ତର ହୋଇଗଲା। ଏବେ କାର୍ଯ୍ୟାଳୟ ଗୃହ ଗୁଡିକ ପ୍ରାୟ ଭଗ୍ନ ଅବସ୍ଥାରେ ଆସି ପହଞ୍ଚି ଗଲାଣି ।ଉକ୍ତ କାର୍ଯ୍ୟାଳୟ ଅଧିନରେ ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଅଞ୍ଚଳର ଡ୍ରେନେଜ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଆଖୁଆପଦା ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ତିନିଗୋଟି ବ୍ଲକରେ ଡ୍ରେନେଜ ବିଭାଗର କାର୍ଯ୍ୟ ସୁପରିଚାଳନା ପାଇଁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ଥାପନା ହୋଇଥିଲା। ଜଣେ ସହକାରୀ ଯନ୍ତ୍ରୀଙ୍କ ସହିତ ୩ ଜଣ କନିଷ୍ଠ ଯନ୍ତ୍ରୀଙ୍କ ପଦବୀ ମଧ୍ୟ ଏଠାରେ ରହିଛି ।ଏବେ ସମସ୍ତ ପଦବୀରେ ଯନ୍ତ୍ରୀ ମାନେ ମଧ୍ୟ କାର୍ଯ୍ୟରତ ଅଛନ୍ତି ।ପରିତାପର ବିଷୟ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଅପାରଗତା ହେଉ କିମ୍ବା କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତ ହେଉ ଯେଉଁଥିପାଇଁ କାର୍ଯ୍ୟାଳୟଟି ଆଜି ଭୁତକୋଠୀରେ ପରିଣତ ହୋଇଯାଇଛି। ବିଶେଷ କରି ବର୍ଷାଦିନେ ଅଂଚଳରେ ଉତ୍କଟ ଡ୍ରେନେଜ ସମସ୍ୟା ଦେଖାଦେଉଥିବା ବେଳେ ଏହାକୁ ଦୃଷ୍ଟି ଦେବାକୁ କାର୍ଯ୍ୟାଳୟରେ ଯନ୍ତ୍ରୀ ନାହାନ୍ତି ।ସାଧାରଣ ଲୋକଟିଏ ଏ ବିଷୟରେ ଅଭିଯୋଗ କରିବାକୁ ଆସି ସୁଦ୍ଧା ନିରାଶ ହୋଇ ଫେରୁଛି। ଏହାଛଡା ଯନ୍ତ୍ରୀ ବିହୀନ କାର୍ଯ୍ୟାଳୟ ଅଧିନରେ ରହିଥିବା ବୃହତ ଡ୍ରେନେଜ ବ୍ୟବସ୍ଥାର ମଧ୍ୟ ନବୀକରଣ କାର୍ଯ୍ୟ ବର୍ଷ ବର୍ଷ ଧରି ହୋଇପାରୁନାହିଁ। ତେଣୁ ନୂତନ ସରକାର ଏହା ଉପରେ ଦୃଷ୍ଟି ଦେଇ ପୂର୍ବଭଳି ଏଠାରେ ଥିବା କାର୍ଯ୍ୟାଳୟକୁ କାର୍ଯ୍ୟକ୍ଷମ କରିବା ପାଇଁ ଅଂଚଳର ବରିଷ୍ଠ ନାଗରିକ ନାରାୟଣ ଚନ୍ଦ୍ର ବେହେରା, ସୋମନାଥ ପତି, ଶରତ ଚନ୍ଦ୍ର ଜେନା, ବସନ୍ତ ବେହେରା, ସ୍ମୃତିରଞ୍ଜନ ଜେନା, ବିଭୂରଞ୍ଜନ ଦାସ, ଅସିତ ଜେନା, କୈଳାସ ଜେନା, ଦେବୀପ୍ରସାଦ ଦାସ, ମନୋଜ ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

## ହରିବୋଲ କ୍ଷେତ୍ରରେ ଭଜନ ସମାରୋହ

**ଭଦ୍ରକ,୧୮ ।୭(ସମିସ):** ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ହରିବୋଲ କ୍ଷେତ୍ର କେଶପୁର ରଥଯାତ୍ରା ପାଳନ ଅବସରରେ ତିନି ରଥ ଉପରେ ସୁନାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ଉପଲକ୍ଷେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଅନୁମୋଦିତ ଚକାଡୋଳା ଭଜନ ସମାରୋହ ସାଂସ୍କୃତିକ ଦଳ ଦ୍ୱାରା ଭକ୍ତିଭରା ଭଜନ ପରିବେଷଣ କରାଯାଇଥିଲା। ସୁଦୂର ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ଉଦଳା ନିକଟସ୍ଥ ଡିହିରାକୁଳ ଗ୍ରାମରୁ ଆସିଥିବା ଉକ୍ତ ଦଳର ମୁଖ୍ୟ ଦୂରଦର୍ଶନ କଣ୍ଠଶିଳ୍ପୀ ବିଶ୍ୱନାଥ ପଣ୍ଡା ଏବଂ ତାଙ୍କ ଦଳର ଅନ୍ୟ କଣ୍ଠଶିଳ୍ପୀମାନେ ଜଗନ୍ନାଥଙ୍କ ଜଣାଣ ଓ ଭଜନ ପରିବେଷଣ କରି ପରିବେଶକୁ ଭାବଭକ୍ତି ମୟ କରିବା ସହିତ ଶ୍ରଦ୍ଧାଳୁ ମାନଙ୍କ ମନୋରଞ୍ଜନ କରିଥିଲେ। ଜଗନ୍ନାଥ ମନ୍ଦିର କମିଟିର ସଭାପତି ନଗେନ୍ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କମିଟି ସମ୍ପାଦକ ସରୋଜ କୁମାର ପଣ୍ଡା ଅନ୍ୟତମ ସଦସ୍ୟ ବିଜୟ କୁମାର ସାହୁ, ଶ୍ରୀଧର ପୁହାଣ, ପତିତପାବନ ପଣ୍ଡା, ସଞ୍ଜୟ ସାହୁ, ସନ୍ତୋଷ ନାୟକ, ବସନ୍ତ ବେହେରା, ପୀତବାସ ମୁଦୁଲି ପ୍ରମୁଖଙ୍କ ଦ୍ୱାରା ଭଜନ ଦଳର ସମସ୍ତ କଳାକାର ଓ ଅତିଥି ଭାବେ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ସ୍ଥାନୀୟ ପ୍ରବଚକ ଓ ଧାରାବିବରଣୀ ପ୍ରଦାନକାରୀ ତଥା ଜଗନ୍ନାଥ ଦର୍ଶନ ପ୍ର.ର ସେବା ସମିତିର ସମ୍ପାଦକ ଶରତ ସାହୁଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ହୋଇଥିବା ଅନ୍ୟ କଳାକାର ମାନଙ୍କ ମଧ୍ୟରେ ଥିଲେ ବରିଷ୍ଠ ଗାୟିକା ମିତାଞ୍ଜଳୀ ଦାଶ, ଯୁବ ଗାୟକ ଚନ୍ଦନ ମହାନ୍ତି ଯୁବ ଗାୟିକା ସ୍ମୃତିରେଖା ନାୟକ ଓ ବାଦ୍ୟଶିଳ୍ପୀ ଅନିରୁଦ୍ଧ ବେହେରା, ବିଶ୍ୱନାଥ ପ୍ରଧାନ, ପର୍ଶୁରାମ ସାହୁ, ଶିଶିର କୁମାର ପାତ୍ର ଏବଂ ଅନୁଷ୍ଠାନର ପରି.ଳକ ଜ୍ୟୋତିପ୍ରକାଶ ପଣ୍ଡା, ଯୁଗ୍ମ ସହପରିଚାଳକ ରାଜଲକ୍ଷ୍ମୀ ପଣ୍ଡା ଏବଂ ଅକ୍ଷୟ କୁମାର ନାୟକ ପ୍ରମୁଖ।






ଯାଜପୁର ମେଡ଼ିକାଲ କଲେଜ ଓ ମା’ ବିରଜା ମନ୍ଦିରରେ ଇନ୍ଦ୍ରଧନୁର ଦୃଶ୍ୟ

## ବାଇକ୍ ଚାଳକ ଗିରଫ

**କୁଆଖିଆ, ୧୮।୭(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ମୂଳାପାଳ ଛକରେ ଗତ ମେ ୩୧ ତାରିଖରେ ଦୁର୍ଘଟଣା ଘଟିଥିଲା। ସେଦିନ ଘଟଣାସ୍ଥଳରେ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସ୍କୁଟି ଚାଳକ ପ୍ରଥମାଖଣ୍ଡି ଗ୍ରାମର ଲୁଲେନ୍ଦୁ ବେହେରା (୪୯) ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ ବାଇକ୍ ଚାଳକ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମର ବଳରାମ ବେହେରାଙ୍କୁ ପୁଲିସ ୩୮ ଦିନ ପରେ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି। ପୁଲିସ ଖବର ପାଇ ଦୁର୍ଘଟଣା ସ୍ଥଳରୁ ସ୍କୁଟି ଚାଳକକୁ ଉଦ୍ଧାର କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସ୍କୁଟି ଚାଳକ ଲଳେନ୍ଦୁଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନରେନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିଥିଲେ।

### ଯାଜପୁରକୁ ରେଳ ସଂଯୋଗ ଡିପିଆର୍ ଦିଲ୍ଲୀ ପଠାଗଲା

## ବିରଜାକ୍ଷେତ୍ର ପରିଷଦର ଯାଜପୁର ସାଂସଦ ଓ ବିଜେପି ଜିଲ୍ଲା ସଭାପତିଙ୍କ ସହ ଆଲୋଚନା



ଯାଜପୁର ଟାଉନ, ୧୮।୭ (ସମିସ): ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ସଭାପତି ତପନ ମହାରଣ୍ୟ ଶର୍ମାଙ୍କ ସମେତ ଏକ ୧୦ଜଣିଆ ପ୍ରତିନିଧି ଦଳ ଯାଜପୁର ସାଂସଦ ଡଃ ରବିନାରାୟଣ ବେହେରା ଓ ବିଜେପି ଜିଲ୍ଲା ସଭାପତି ଗୌତମ ରାୟଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ସାକ୍ଷାତ କରିଥିଲେ। ଦକ୍ଷିଣ-ପୂର୍ବ ରେଳପଥ ଅଫିସ୍‌ରୁ ଦିଲ୍ଲୀ ରେଳ ଭବନକୁ ଏହି ପ୍ରକଳ୍ପର ଡିପିଆର୍ ପ୍ରେରିତ କରାଯାଇଛି। ଏ ସମ୍ପର୍କରେ କିଭଳି ପ୍ରକଳ୍ପ ମଞ୍ଜୁର କରାଯାଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଯାଜପୁର ସାଂସଦ ଶ୍ରୀ ବେହେରା କହିଛନ୍ତି, ମୁଁ ଓ ଜିଲ୍ଲା ସଭାପତି ଯଥାଶୀଘ୍ର ଏହି ପ୍ରକଳ୍ପ ମଞ୍ଜୁର କରିବା ନିମନ୍ତେ ଲୋକସଭା ଅଧିବେଶନ ସମୟରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିବାକୁ ସ୍ଥିର କରିଛୁ। ଏହା ନିଶ୍ଚିତ ଭାବେ ପାରିତ ହେବା ସହ ଯାଜପୁର ଓ ଭଦ୍ରକ ଜିଲ୍ଲାବାସୀଙ୍କ ଦୀର୍ଘ ୭୦ ବର୍ଷର ଦାବି ପୂରଣ ହେବ ବୋଲି ପ୍ରକାଶ କରିଥିଲେ। ଏହି ପ୍ରକଳ୍ପଟି ୯୬ କିଲୋମିଟର ହୋଇଥିବାସ୍ଥଳେ ଅନୁମାନିକ ବଜେଟ୍ ପ୍ରାୟ ୨୯୦୦ କୋଟି ହୋଇଥିବା ଜଣାଯାଇଛି। ଏହି ପ୍ରକଳ୍ପ ପାରିତ ହେଲେ ଯାଜପୁରର ବିରଜାକ୍ଷେତ୍ର, ନାଭିଗୟା, ଆରଡ଼ି କ୍ଷେତ୍ର ଓ ଭିତରକନିକା ଭଳି ସ୍ଥାନକୁ ପର୍ଯ୍ୟଟକ ଯାଇପାରିବେ। ଯାହାକି ଭାରତ ବର୍ଷର ୩ଟି ଗୟା ମଧ୍ୟରୁ ଯାଜପୁରର ନାଭିଗୟାକୁ ଅନେକ ତୀର୍ଥଯାତ୍ରୀ ଆସି ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିପାରନ୍ତେ। ଏହି ପ୍ରକଳ୍ପ ପାରିତ ନିମନ୍ତେ ପରିଷଦ ପକ୍ଷରୁ ରେଳମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରକଳ୍ପ ଯଥାଶୀଘ୍ର ପାରିତ କରିବା ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଡା. ରାଜକିଶୋର ପଣ୍ଡା, ଶିକ୍ଷାବିତ ଅନୀଲ କୁମାର ମହାନ୍ତି, ସୁବାସ ମହାପାତ୍ର, ସଞ୍ଜୟ ସିଂହ, କଳିଙ୍ଗ କେଶରୀ ମହାନ୍ତି, ଦିଲ୍ଲୀପ ଦାଶ, ଅଜୟ ରାଉଳ ପ୍ରମୁଖ ଦାବି ଜଣାଇଛନ୍ତି।

## ଚଣ୍ଡିପୁର ଅଙ୍ଗନବାଡି କେନ୍ଦ୍ରରୁ ଚୋରି

**କୁଆଖିଆ, ୧୮।୭(ସମିସ):** କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମ ଅଙ୍ଗନବାଡି କେନ୍ଦ୍ର-୪ରୁ ବୁଧବାର ରାତିରେ ଚୋରି ହୋଇଯାଇଛି। ଦୁର୍ବୃତ୍ତ କେନ୍ଦ୍ରର ତାଲା ଭାଙ୍ଗି ୨ଟି ଗ୍ୟାସ ସିଲିଣ୍ଡର ଓ ଗୋଟିଏ ପ୍ରେସର କୁକର ଚୋରି କରିନେଇଛନ୍ତି। ଏ ନେଇ କେନ୍ଦ୍ରର କର୍ମୀ ତପସ୍ୱିନୀ ମଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏ ନେଇ ଥାନାରେ ୩୧୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ମୁତାବକ, ଅଙ୍ଗନବାଡ଼ି କେନ୍ଦ୍ର କର୍ମୀ ତପସ୍ୱିନୀ ତାଲିମ ଶିବିରରେ ଯୋଗ ଦେବାକୁ ଯାଇଥିଲେ। ସହାୟିକାଙ୍କୁ କେନ୍ଦ୍ର ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ସକାଳ ୯ଘଟିକା ସମୟରେ କେନ୍ଦ୍ର ତାଲା ଖୋଲାଥିବା ସହାୟିକା ଦେଖିବାକୁ ପାଇଥିଲେ। ଏ ନେଇ କେନ୍ଦ୍ର କର୍ମୀଙ୍କୁ ଅବଗତ କରାଇଥିଲେ। ସେ ଶିବିରରୁ ଆସି କେନ୍ଦ୍ରରେ ପହଞ୍ଚି ଯାଞ୍ଚ କରିବାରୁ ଘର ଭିତରୁ ୨ଟି ଗ୍ୟାସ୍ ଟାଙ୍କି ଓ ଗୋଟିଏ ପ୍ରେସର କୁକୁର ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବାରୁ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଯାଜପୁରରୋଡ୍-ଧାମରା ରେଳପଥ

## ପ୍ରକଳ୍ପ ମଞ୍ଜୁରି ଓ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଦାବି

ଯାଜପୁର ଟାଉନ, ୧୮।୭ (ସମିସ)




ଯାଜପୁରରୋଡ୍-ଧାମରା ରେଳପଥ ପ୍ରକଳ୍ପ ମଞ୍ଜୁରି ଓ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ସଂଗ୍ରାମ ସମିତି ଦାବି କରିଛି। ରେଳବାଇ ବୋର୍ଡ଼ ପାଖରେ ପୂର୍ବତଟ ରେଳପଥ ପକ୍ଷରୁ ଉପସ୍ଥାପିତ ଯାଜପୁରରୋଡ୍-ଧାମରା (ଭାୟା ଯାଜପୁର ଟାଉନ ଓ ଆରଡ଼ି) ରେଳପଥର ଡିପିଆରକୁ ତୁରନ୍ତ ମଞ୍ଜୁରି ପ୍ରଦାନ କରିବାକୁ ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ଦାବି କରିଛି।

୨୦୨୪ ଫେବୃଆରୀରେ କାମଚଳା ବଜେଟ୍ ଆଗତ ହେବାର ଅବ୍ୟବହିତ ପୂର୍ବରୁ ପୂର୍ଣ୍ଣାଙ୍ଗ ବାର୍ଷିକ ବଜେଟରେ ଏହି ନୂତନ ରେଳପଥ ପାଇଁ ବ୍ୟୟବରାଦ କରାଯିବ ବୋଲି ରେଳମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସଂସଦର ଆଗାମୀ ଅଧିବେଶନରେ ଆଗତ ହେବାକୁ ଥିବା ବଜେଟ୍‌ରେ ଉପରୋକ୍ତ ପ୍ରତିଶ୍ରୁତିକୁ ରକ୍ଷା କରି ବ୍ୟୟବରାଦ କରିବାକୁ ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଚାରୋଟି ଆର୍ଥିକ ବର୍ଷ ମଧ୍ୟରେ ରେଳପଥ ନିର୍ମାଣ କାର୍ଯ୍ୟ ସମାପ୍ତ କରିବା ପାଇଁ ଏହାକୁ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରିବା ଓ ବନ୍ଦର ସଂଯୋଗୀକରଣ ପାଇଁ ଉଦ୍ଦିଷ୍ଟ ଅମ୍ବ୍ରେଲା ଯୋଜନା ଅର୍ଥରୁ ଏହି ରେଳପଥ ନିର୍ମାଣ ପାଇଁ ବ୍ୟୟ କରିବାକୁ ସଂଗ୍ରାମ ସମିତି ଦାବି କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଜମି ଅଧିଗ୍ରହଣ କାର୍ଯ୍ୟ ସମାପ୍ତ କରିବା, ଆବଶ୍ୟକ ଅର୍ଥ ବରାଦ କରିବା, ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରାଯାଇଛି। ଏ ସଂକ୍ରାନ୍ତରେ କେନ୍ଦ୍ର ରେଳମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭେଟିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଯାଜପୁର ଶାନ୍ତି ମଣ୍ଡପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଦାବି ହାସଲ ସଂଗ୍ରାମକୁ ଶକ୍ତିଶାଳୀ କରିବା ପାଇଁ ପ୍ରସ୍ତାବିତ ଷ୍ଟେସନଭିତ୍ତିକ କମିଟି ଗଠନ କରାଯିବ ବୋଲି ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏହି ବୈଠକରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ମଳୟ କୁମାର ପଣ୍ଡା, ପ୍ରଫୁଲ୍ଲ ନାୟକ, ଦେବେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ଚନ୍ଦ୍ରଶେଖର ନାୟକ, ସନ୍ତୋଷ ଦାସ, ଦେବେନ୍ଦ୍ର ନାୟକ, ରାକେଶ କୁମାର ସାହୁ, ଦିଲ୍ଲୀପ ଦଳାଇ, ଅବିନାଶ ମହାପାତ୍ର, ଧନଞ୍ଜୟ କେଶରୀ ରାଉତରାୟ, ନିର୍ମଳ ରଥ, ଦେବବ୍ରତ ମହାନ୍ତି, ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ସଂଗ୍ରାମ ସମିତିର ସଦସ୍ୟ ଓ କର୍ମକର୍ତ୍ତାଙ୍କ ବୈଠକରେ ଆଲୋଚନା ହୋଇଥିବାବେଳେ ଏହି ଆଲୋଚନାରେ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଶାନ୍ତି ମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଉପରୋକ୍ତ ଅତିଥିଗଣ ଯାଜପୁର ରୋଡ୍-ଧାମରା ରେଳପଥ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

## କଳାପଥର ଖାଦାନରେ ଲଘୁ ଖଣିଜ ବିଭାଗର ଚଢ଼ଉ



**ଜାରକା, ୧୮।୭(ସମିସ):** ଧର୍ମଶାଳା ତହସିଲ ଅଞ୍ଚଳର ବିଭିନ୍ନ କଳାପଥର ଖାଦାନରେ ଲଘୁ ଖଣିଜ ବିଭାଗ ପକ୍ଷରୁ ଆଜି ଚଢ଼ଉ କରାଯାଇଛି। ଏହି ତହସିଲ ଅନ୍ତର୍ଗତ ଲୁଣିବର, ଚଢେଇଧରା, ଡଙ୍କରୀ, ରାହାଡପୁର ଆଦି ଅଞ୍ଚଳରେ ବ୍ୟାପକ ଭାବେ ବେଆଇନ ଖାଦାନ ଚାଲିବା ସହିତ ଲିଜ ଖଣିରେ ଆବଶ୍ୟକତାଠାରୁ ଅଧିକ କଳାପଥର ଲୁଟ୍ ହୋଇଥିବା ନେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରାଜ୍ୟ ଖଣି ବିଭାଗ ସଚିବ ଓ ଯାଜପୁର ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଥିଲେ। ଏସବୁ ଅଞ୍ଚଳରେ ମାଫିଆମାନେ ବେଆଇନ ଭାବେ କଳାପଥର ଉତ୍ତୋଳନ କରିଚାଲିଛନ୍ତି। ଏହି ଖାଦାନରେ ଆବଶ୍ୟକତାଠାରୁ ହଜାର ହଜାର ଟନ ଅଧିକ କଳାପଥର ଉତ୍ତୋଳନ କରାଯାଇ ଚାଲାଣ ହେଉଥିଲା। ଯେଉଁଥିରେ ଲିଜଧାରୀ ମାଲାମାଲ ହେଉଥିବାବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସେହିପରି ବେଆଇନ ଭାବେ ଉକ୍ତ ଅଞ୍ଚଳରେ ଅନେକ ଖାଦାନ ଚାଲିଥିବାରୁ ସେଗୁଡିକୁ ବନ୍ଦ କରିବା ସହିତ ଏଠାରେ ଚାଲିଥିବା ବେଆଇନ କ୍ରସର ଉପରେ ତଦନ୍ତ କରିବାକୁ ବିଧାୟକ ଶ୍ରୀ ସାହୁ ଚିଠିରେ ଉଲ୍ଲେଖ କରିଥିଲେ।

ଏ ନେଇ ଖଣି ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ଖଣି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏମଏମ ସିଂଦେଓଙ୍କ ନେତୃତ୍ୱରେ ଆଜି ଏକ ଟିମ ଲୁଣିବର, ଚଢ଼େଇଧରା, ଡଙ୍କାରୀ, ରାହାଡପୁର ଆଦି ଅଞ୍ଚଳରେ ଥିବା କଳାପଥର ଖାଦାନରେ ଅନୁଧ୍ୟାନ କରିଥିଲେ। ଏହି ଟିମରେ ଖଣି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଟି.ବି. ମୁଣ୍ଡା, ଯାଜପୁର ଲଘୁ ଖଣିଜ ବିଭାଗର ଉପନିର୍ଦ୍ଦେଶକ ଜୟ ପ୍ରକାଶ ନାୟକ, ମାଇନିଂ ଅଧିକାରୀ ଜେ. ଜେ ସେଠୀଙ୍କ ସମେତ ତହସିଲ ଅଧିକାରୀ ଓ ଜେନାପୁର ପୁଲିସ ସାମିଲ ଥିଲେ। ଆଜି ପ୍ରାଥମିକ ଭାବେ ଖଣି ବିଭାଗ ଅଧିକାରୀ ବିଭିନ୍ନ ଖାଦାନ ଅଞ୍ଚଳ ବୁଲି ଯାଞ୍ଚ କରିଥିବାବେଳେ ପରବର୍ତ୍ତୀ ସମୟରେ ଏଗୁଡ଼ିକ ମାପ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଭୁଲ ହୋଇଥିଲେ ଲିଜଧାରୀଙ୍କ ବିରୁଦ୍ଧରେ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସିଂଦେଓ ସୂଚନା ଦେଇଛନ୍ତି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମଧ୍ୟ ଏହି ଚଢ଼ଉ ବେଳେ ଉପସ୍ଥିତ ରହି ଖଣି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆବଶ୍ୟକତାଠାରୁ ଅଧିକ ଉତ୍ତୋଳନ କରିଥିବା ଖାଦାନ ଲିଜଧାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ବିଧାୟକ ଶ୍ରୀ ସାହୁ ଖଣି ଅଧିକାରୀଙ୍କୁ କହିଥିଲେ।

## ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ଜାରକା, ୧୮।୭(ସମିସ):** ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ଆଜି ଅପରାହ୍ନରେ ଧର୍ମଶାଳା ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଖବରକାଗଜ ସଂଘ ସଭାପତି ପ୍ରମୋଦ କୁମାର ରାଉତଙ୍କ ନେତୃତ୍ୱରେ ଖବରକାଗଜ ବିତରକ ବିଧାୟକ ହିମାଂଶୁ ଶେଖର ସାହୁଙ୍କ କୁମାରୀସ୍ଥ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଫୁଲଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ଆବାହକ ବସନ୍ତ କୁମାର ବାରିକ, ସମ୍ପାଦକ ହରିନାରାୟଣ ଦାସ, କୋଷାଧ୍ୟକ୍ଷ ତରୁଣ କୁମାର ବେହେରା, ରାମଚନ୍ଦ୍ର ମହାନ୍ତି, ଦେବ ପ୍ରସାଦ ରାୟ, ହରିଶ ମହାନ୍ତି, କମଳାକାନ୍ତ ଦାସ, ପୁରୁଷୋତ୍ତମ ସେଠୀ ଓ କାହ୍ନୁଚରଣ ରଣା ପ୍ରମୁଖ ସାମିଲ ହୋଇଥିଲେ। ଖବର ବିତରକଙ୍କ ବିଭିନ୍ନ ସମସ୍ୟା ଉପରେ ବିଧୟକ ଶ୍ରୀ ସାହୁ ଅଲୋଚନା କରିବା ସହିତ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### ଡାକ ବିଭାଗର ଖାମଖିଆଲ ନୀତି

## ୨୨ ଦିନ ପରେ ପହଞ୍ଚିଲା ସ୍ପିଡ୍ ପୋଷ୍ଟ

କବାଟବନ୍ଧ, ୧୮।୭ (ସମିସ)

ଭାରତୀୟ ଡାକ ବିଭାଗର ଖାମଖିଆଲ ନୀତି ଯୋଗୁଁ ଉକ୍ତ ବିଭାଗ ଉପରେ ନିର୍ଭର କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦ୍ୱାରା ବହୁ ଗୁରୁତ୍ୱପୂର୍ଣ୍ଣ ଚିଠି ସହିତ ଜରୁରି କାମରେ ବାଧା ସୃଷ୍ଟି ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମର୍ଜିତାପୁର ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ କ୍ଷେତ୍ରରେ। ସେ ଯାହା ନିକଟକୁ କରିଥିବା ସ୍ପିଡ୍ ପୋଷ୍ଟ ଚିଠି ୨୨ ଦିନ ପରେ ତାଙ୍କ ନିକଟରେ ପହଞ୍ଚିଛି। ଯାହାକୁ ନେଇ ଡାକ ବିଭାଗର ଅପାରଗତା ପଦାରେ ପଡ଼ିଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନା ମୁତାବକ, ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ପଞ୍ଚାୟତର ଜଣେ ବ୍ୟକ୍ତି ଯାଜପୁରରୋଡ୍ ଉଠାଜଳସେଚନ ବିଭାଗକୁ ଏକ ସ୍ପିଡ୍ ପୋଷ୍ଟ କରିଥିଲେ। ଏହାକୁ ସେ ଗତ ୨୬/୬/୨୪ରେ ଜେନାପୁର ଉପଡ଼ାକଘର କାର୍ଯ୍ୟାଳୟରୁ




ପ୍ରେରଣ କରିଥିଲେ। ଆର୍ଟିକିଲ ନମ୍ବର ଇଓ୫୩୦୦୬୯୫୭୫ଆଇଏନ୍‌ରେ ଏହା ବୁକ୍ ହୋଇଥିଲା। ଏହାର ଓଜନ ୩୦ ଗ୍ରାମ ବାବଦକୁ ଡାକ ଖର୍ଚ୍ଚ ୪୧.୩୦ ପଇସା ପୈଠ କରିଥିଲେ। ୧୮ ତାରିଖ ସନ୍ଧ୍ୟାରେ ପ୍ରେରକଙ୍କ ମୋବାଇଲ ନମ୍ବରକୁ ଚିଠି ପହଞ୍ଚିଲା ବୋଲି ଏକ ମେସେଜ ଆସିଲା। ସ୍ପିଡ୍ ପୋଷ୍ଟ ହୋଇଥିବା ଚିଠି ୩ରୁ ୪ ଦିନ ମଧ୍ୟରେ ଠିକଣା ସ୍ଥାନରେ ପହଞ୍ଚିବା କଥା। କିନ୍ତୁ ଏହା ୨୨ ଦିନ ପରେ ଅର୍ଥାତ ୧୮ ଜୁଲାଇରେ ପହଞ୍ଚିଥିବା ଜଣାପଡ଼ିଛି। ତେବେ ପ୍ରେରକ ଶୀଘ୍ର ପହଞ୍ଚିବା ପାଇଁ ସ୍ପିଡ୍ ପୋଷ୍ଟ ବାବଦ ଅର୍ଥ ପୈଠ କରିଥିବାବେଳେ ଏହା ଏତେ ବିଳମ୍ବ ଯୋଗୁଁ ତାଙ୍କର ବହୁ ଜରୁରି କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଯାହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଡାକ ବିଭାଗର ଏଭଳି ଖାମଖିଆଲ ମନୋଭାବ ନ ଦେଖାଇ ଡାକ ସେବାକୁ ଠିକ୍ ଭାବେ ପରିଚାଳିତ କରିବା ପାଇଁ ବିଶେଷ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।


Track Consignme...
indiapost.gov.in

| | |
|---|---|
| Booked At: | Jenapur S.O |
| Booked On: | 26/06/2024 12:31:01 |
| Destination Pincode: | 755019 |
| Tariff: | 41.30 |
| Article Type: | Inland Speed Post |
| Delivery Location: | Jajpur Road RS S.O |
| Delivery Confirmed On: | 18/07/2024 14:05:24 |

Event Details For : EO530069575IN
Current Status : Item Delivered(Addressee)

| | |
|---|---|
| Date: | 18/07/2024 |
| Time: | 14:05:24 |
| Office: | Dala B.O |
| Event: | Item Delivered(Addressee) |
| Date: | 27/06/2024 |
| Time: | 11:20:08 |
| Office: | Jajpur Road RS S.O |
| Event: | Item Bagged |
| Date: | 27/06/2024 |
| Time: | 11:20:08 |
| Office: | Jajpur Road RS S.O |
| Event: | Dispatched to BO |
| Date: | 27/06/2024 |

## ସାଇବର ଠକେଇ ରୋକିବାକୁ ସଚେତନତା




**ବ୍ୟାସନଗର, ୧୮।୭(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ଯାଜପୁରରୋଡ୍ ମୁଖ୍ୟ ଶାଖା ପକ୍ଷରୁ ସାଇବର ଠକେଇ ରୋକିବା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ମୁଖ୍ୟ ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଇବର ଠକେଇ ରୋକିବା ନିମନ୍ତେ ଗ୍ରାହକ ସଚେତନତା ଅତ୍ୟନ୍ତ ଜରୁରି ବୋଲି ଡିଜିଏମ, ବାଲେଶ୍ୱର ପ୍ରଶାସନିକ ଅଧିକାରୀ(ଏସବିଆଇ) ଶୈଳେଶ ସିହ୍ନା ମତବ୍ୟକ୍ତ କରିଥିଲେ। ଏହି ସଚେତନତା ଶିବିରରେ ଆଞ୍ଚଳିକ ପ୍ରବନ୍ଧକ କେନ୍ଦୁଝର କମଳଲୋଚନ ଷଡ଼ଙ୍ଗୀ, କେନ୍ଦୁଝର ଆଞ୍ଚଳିକ ଅଫିସ୍‌ର ମୁଖ୍ୟ ପରିଚାଳକ ରାଧାନାଥ ନାୟକ, ଦିବାକର ନନ୍ଦୀ, ଯାଜପୁରରୋଡ୍ ମୁଖ୍ୟ ଶାଖା ପରିଚାଳକ ଜ୍ୟୋତି ଶଙ୍କର ମିଶ୍ର, ଡଃ ହେମନ୍ତ ସାହୁ, ଯାଜପୁରରୋଡ୍ ଚାମ୍ବର ଅଫ୍ କମର୍ସର ସମ୍ପାଦକ ସଦାଶିବ ଦାଶ, ସବଇନ୍ସପେକ୍ଟର ଏସ. ବେହେରା, ନାରାୟଣ ରାଉତ, ବ୍ୟାଙ୍କ ସହିତ ଜଡ଼ିତ ସମସ୍ତ ଗ୍ରାହକ ସେବା ଅଧିକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିଭିନ୍ନ ସାଇବର ଠକେଇ ଉପରେ ଜ୍ଞାନ ଆହରଣ କରିଥିଲେ।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୬୭ • ପାଉଣ୍ଡ ୧୦୮.୬୧
- ୟୁରୋ ୯୧.୮୫ • ୟେନ୍ ୦.୫୩

### ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୮,୭୬୦ (ନୂଆଦିଲ୍ଲୀ)
- ରୁପା : ୯୬,୧୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୩୪୩.୦୦
- ନିଫ୍ଟି ୨୪,୮୦୦.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ବଜେଟ ଅବଗଣନା

# ବରିଷ୍ଠ ନାଗରିକଙ୍କୁ ରେଳ ଭଡ଼ାରେ ରିଆତି ଦାବି

**ନୂଆଦିଲ୍ଲୀ,୧୮।୭(ଏଜେନ୍ସି):** ଦେଶର ସାଧାରଣ ବଜେଟ ସଂସଦରେ ଉପସ୍ଥାପନ ହେବାକୁ ମାତ୍ର ଅଳ୍ପ ଦିନ ବାକି ରହିଛି। ଏଭଳି ପରିସ୍ଥିତିରେ ଲୋକ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଠାରୁ ଅନେକ କିଛି କ୍ଷେତ୍ରରେ ଆଶ୍ୱସ୍ତି ପାଇବାକୁ ଆଶା କରୁଛନ୍ତି। ଟ୍ରେନରେ ଯାତ୍ରା କରୁଥିବା ସାଧାରଣ ଯାତ୍ରୀମାନେ ମଧ୍ୟ ଟ୍ରେନରେ ସୁରକ୍ଷା ଏବଂ ଭଡା ହ୍ରାସ ଆଶା କରୁଥିବାବେଳେ ବରିଷ୍ଠ ନାଗରିକମାନେ ବଜେଟରେ ସେମାନଙ୍କ ପାଇଁ ରେଳ ଭଡ଼ାରେ ରିଆତି ବ୍ୟବସ୍ଥାକୁ ପୁନର୍ବାର ଆରମ୍ଭ କରିବାକୁ ଆଶା ରଖିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘଦିନ ହେବ ବରିଷ୍ଠ ନାଗରିକମାନଙ୍କୁ ରେଳ ଯାତ୍ରାରେ ଦିଆଯାଉଥିବା ଭଡା ରିଆତି କାଟ୍ ହେବା ଏକ ସାରା ଦେଶରେ ଏକ ବଡ଼ ପ୍ରସଙ୍ଗ ପାଲଟିଛି। ଗତ ଲୋକସଭା ନିର୍ବାଚନ ସମୟରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା। କରୋନା ଅବଧିଠାରୁ ବରିଷ୍ଠ ନାଗରିକମାନଙ୍କୁ ରେଳ ଯାତ୍ରାରେ ଦିଆଯାଉଥିବା ଭଡା ରିଆତି ବନ୍ଦ ହୋଇଯାଇଛି। ଚଳିତଥର ବଜେଟରେ ବରିଷ୍ଠ ନାଗରିକମାନଙ୍କୁ ପୁନର୍ବାର ରେଳ ଭଡା କ୍ଷେତ୍ରରେ ରିଆତି ବ୍ୟବସ୍ଥା ପୁଣିଥରେ ଆରମ୍ଭ କରାଯାଇପାରେ ବୋଲି ଆଶା କରାଯାଉଛି। ୨୦୨୦ ମାର୍ଚ୍ଚରୁ ଏହାକୁ ବନ୍ଦ କରାଯାଇଥିବାରୁ ବରିଷ୍ଠ ନାଗରିକମାନେ ବଣେ ଅସନ୍ତୁଷ୍ଟ। ଏହାପୂର୍ବରୁ ମହିଳା ଏବଂ ବରିଷ୍ଠ ନାଗରିକମାନେ ଯାତ୍ରାରେ ୫୦ ପ୍ରତିଶତ ରିଆତି ମିଳୁଥିଲା।



## ଦେଢ଼ ବର୍ଷ ହେବ ଗୋଟିଏ ଚିନ୍ତା

# କେମିତି କମିବ ଦରଦାମ୍

**ମୁମ୍ବଇ, ୧୮।୭(ଏଜେନ୍ସି)**

ଦେଶରେ ହୁ ହୁ ହୋଇ ବଢ଼ିବାର ଲାଗିଛି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍। ମହଙ୍ଗା ବଜାର ଏବେ ଖାଉଟିଙ୍କ ହୋସ୍ ଉଡାଇଲାଣି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ବିଗତ ଦେଢ଼ ବର୍ଷ ଧରି ମୁଦ୍ରାସ୍ଫୀତି ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା ଚଳାଇଛି, କିନ୍ତୁ ଏହି ପ୍ରୟାସ ବିଫଳ ହୋଇଛି। ଦୀର୍ଘ ସମୟ ଧରି ମୁଦ୍ରାସ୍ଫୀତି ବାସ୍କେଟ୍‌ରେ ବିଶେଷକରି ଖାଦ୍ୟ ସାମଗ୍ରୀର ମୂଲ୍ୟ ସବୁଠାରୁ ଅଧିକ ରହିଛି। ଏହାର ଅର୍ଥ ହେଉଛି ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ଏବେ ସର୍ବୋଚ୍ଚ ସ୍ତରରେ ରହିଛି। ପୂର୍ବ ଭଳି ବିଶ୍ୱାସ କରାଯାଉଥିଲା ଯେ ଖାଦ୍ୟ ମୁଦ୍ରାସ୍ଫୀତି ହାର ଅସ୍ଥାୟୀ, କିନ୍ତୁ ଏବେ ଏହା ସ୍ଥାୟୀରେ ପରିଣତ ହୋଇଛି।





- ଖସୁନି ମୁଦ୍ରାସ୍ଫୀତି, ରିଜର୍ଭ ବ୍ୟାଙ୍କର ଚିନ୍ତା ବଢ଼ିଲା
- ଖାଦ୍ୟ ସାମଗ୍ରୀର ଉଚ୍ଚ ଦର ଖାଉଟିଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ
- ଖାଦ୍ୟ ସାମଗ୍ରୀରେ ମୁଦ୍ରାସ୍ଫୀତି ଆଉ ଅସ୍ଥାୟୀ ହୋଇନାହିଁ
- ସରକାରଙ୍କ ସବୁ ପଦକ୍ଷେପ ବିଫଳ

ବଜାର ଦର ଉଚ୍ଚରେ ରହୁଥିବାରୁ ଏହା ଏବେ ଖାଉଟି ଖାଉଟି ନୁହେଁ କେନ୍ଦ୍ରୀୟ ବ୍ୟାଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଗୁରୁବାର, ଆରବିଆଇ ପକ୍ଷରୁ ଏହାର ମାସିକ ବୁଲେଟିନ୍ ପ୍ରକାଶ ପାଇଛି। ଏଥିରେ ମୁଦ୍ରାସ୍ଫୀତି କିଭଳି କମିବ ସେ ନେଇ ରିଜର୍ଭ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ଏଥିରେ କୁହାଯାଇଛି ଯେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଅର୍ଥନୀତିରେ ଅଭିବୃଦ୍ଧିର ଲକ୍ଷଣ ମିଳିଛି, କିନ୍ତୁ ଖାଦ୍ୟ ମୁଦ୍ରାସ୍ଫୀତି ବଡ଼ ଚିନ୍ତାର ବିଷୟ ପାଲଟିଛି।

'ଅର୍ଥନୀତିର ସ୍ଥିତି' ଶୀର୍ଷକ ଏହି ବୁରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏଥିରେ ଦେଶର କୃଷି କ୍ଷେତ୍ରରେ ଉନ୍ନତି ଘଟିଥିବା କୁହାଯାଇଛି। ଏଥିସହିତ, ଗ୍ରାମାଞ୍ଚଳରେ ବ୍ୟୟରେ ବୃଦ୍ଧି ଚାହିଦା ବଢ଼ାଇବାରେ ସହାୟକ ହୋଇଛି। ଗ୍ରାହକ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି କ୍ରମାଗତ ତିନିମାସ ଧରି ହ୍ରାସ ପାଇଛି। ତେବେ ଜୁନ୍ ମାସରେ ଏହା ପୁଣି ଥରେ ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ପନିପରିବା ମୂଲ୍ୟରେ ବ୍ୟାପକ ବୃଦ୍ଧି। ପନିପରିବା ଏବଂ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ହେତୁ ଖୁଚୁରା ମୁଦ୍ରାସ୍ଫୀତି ଜୁନ୍ ମାସରେ ବିଗତ ଚାରି ମାସର ସର୍ବାଧିକ ୫.୦୮ ପ୍ରତିଶତରେ ପହଞ୍ଚିଛି। ମେ' ମାସରେ ଏହା ୪.୮ ପ୍ରତିଶତ ରହିଥିଲା।




ଆରବିଆଇର ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ଏହି ଏକ ଦଳ ଏହି ଲେଖା ପ୍ରସ୍ତୁତ କରିଛନ୍ତି। ମୁଦ୍ରାସ୍ଫୀତି ହ୍ରାସ ପାଇ ବଜାର ଦର କମିବା ନେଇ ପରିବାରଗୁଡିକରେ ଆଶା କ୍ଷୀଣ ହେବାରେ ଲାଗିଛି। ଏହି କାରଣରୁ, ଲୋକମାନେ ମୁଦ୍ରା ନୀତି ଏବଂ ଯୋଗାଣ ପରିଚାଳନାରେ କରାଯାଇଥିବା ସଂସ୍କାରର ଲାଭ ପାଇ ପାରୁନାହାଁନ୍ତି।

## ଏଚ୍‌ଏସ୍‌ବିସି ମ୍ୟୁଚୁଆଲ ଫଣ୍ଡର ନୂଆ ଡିଜିଟାଲ କ୍ୟାମ୍ପେନ୍

**ନୂଆଦିଲ୍ଲୀ,୧୮।୭:** ଏଚ୍‌ଏସ୍‌ବିସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ 'ଅପ୍‌ନେ#ଏସ୍‌ଆଇପିକୋଦୋପ୍ରମୋଶନ' ନାମକ ଏକ ନୂଆ ଡିଜିଟାଲ କ୍ୟାମ୍ପେନ ଉନ୍ମୋଚନ କରାଯାଇଛି। ଜୀବନରେ ସମସ୍ତଙ୍କୁ ଅଭିବୃଦ୍ଧି ଦରକାର, ସମସ୍ତଙ୍କୁ ଚାକିରିରେ ପଦୋନ୍ନତି ଦରକାର, ଠିକ୍ ସେହିପରି ସମ୍ପତି ସୃଷ୍ଟି ପାଇଁ ଆପଣଙ୍କ ଏସ୍‌ଆଇପିକୁ ମଧ୍ୟ ପ୍ରମୋଶନ ଦରକାର। ନିବେଶକଙ୍କୁ ଏସ୍‌ଆଇପି ଟପ୍-ଅପ୍ ଏବଂ ସେମାନଙ୍କ ଦୀର୍ଘାବଧି ସମ୍ପତି ସୃଷ୍ଟି କ୍ଷେତ୍ରରେ ଏହା ଗ୍ରହଣ କରୁଥିବା ଭୂମିକା ସମ୍ପର୍କରେ ସଚେତନ ଓ ଶିକ୍ଷିତ କରିବା ପାଇଁ ଏହି କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଏହି କ୍ୟାମ୍ପେନରେ ୩୦ ସେକେଣ୍ଡ ଲେଖାଏଁ ୩ଟି ସର୍ଟ ଫିଲ୍ମର ଏକ ସିରିଜ ରହିଛି ଯାହା ନିବେଶକଙ୍କୁ ସେମାନଙ୍କ ଏସ୍‌ଆଇପି ଉପରେ ଏକ ଟପ୍ ଅପ୍ ସୁବିଧା ପାଇଁ ବିକଳ୍ପ ଚୟନ କରି ସେମାନଙ୍କ ଅର୍ଥକୁ ଏକ ଯୋଗ୍ୟ ପ୍ରମୋଶନ ଦେବାର ବିଚାରଧାରାକୁ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଏସ୍‌ଆଇପିଗୁଡିକ ଲୋକପ୍ରିୟ ନିବେଶ ଉପକରଣ ଅଟେ ଯାହା ନିବେଶକଙ୍କୁ ନିୟମିତ ବ୍ୟବଧାନରେ ଏକ ମ୍ୟୁଚୁଆଲ ଫଣ୍ଡ ସ୍କିମରେ ନିର୍ଦ୍ଦିଷ୍ଟ ରାଶି ନିବେଶ କରିବାକୁ ଅନୁମତି ଦେଇଥାଏ। ତେବେ ଏକ ଏସ୍‌ଆଇପି ଟପ୍-ଅପ୍ ଏହି କନ୍‌ସେପ୍ଟକୁ ଆଉ ପାଦେ ଆଗକୁ ନେଇଛି।

# ଜିଡିପି ପୂର୍ବାନୁମାନ ୭%କୁ ବୃଦ୍ଧିକଲା ଆଇଏମ୍‌ଏଫ୍

**ନୂଆଦିଲ୍ଲୀ,୧୮।୭(ଏଜେନ୍ସି)**




ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ୨୦୨୪-୨୫ ଆର୍ଥିକବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) କୁ ୨୦ ବେସିସ୍ ପଏଣ୍ଟ ବୃଦ୍ଧି କରି ୭ ପ୍ରତିଶତରେ ପହଞ୍ଚାଇଛି। ଏପ୍ରିଲ୍ ମାସରେ ପୂର୍ବ ଆକଳନ ୬.୮ ପ୍ରତିଶତ ରହିଥିବାବେଳେ ଆଇଏମ୍‌ଏଫ୍ ଏହାର ପୂର୍ବାନୁମାନକୁ ସଂଶୋଧନ କରିଛି। ଆଇଏମଏଫର ସଦ୍ୟତମ 'ୱାର୍ଲ୍ଡ ଇକୋନୋମିକ୍ ଆଉଟଲୁକ୍' ରିପୋର୍ଟ ସୂଚାଉଛି ଯେ ଚଳିତବର୍ଷ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ପୂର୍ବାନୁମାନକୁ ମଧ୍ୟ ୭.୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ବିଶେଷ କରି ଗ୍ରାମାଞ୍ଚଳରେ ଉପଭୋକ୍ତା ସମ୍ଭାବନାରେ ଉଲ୍ଲେଖନୀୟ ବୃଦ୍ଧି ପରିପ୍ରେକ୍ଷୀରେ ଏହି ଘଟଣା ଘଟିଛି। ଏହା ସହିତ ଉଦୀୟମାନ ବଜାର ଏବଂ ବିକାଶଶୀଳ ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ଭାବରେ ନିଜର ସ୍ଥିତି ବଜାୟ ରଖିଛି। ଉଦୀୟମାନ ବଜାର ଓ ବିକାଶଶୀଳ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧିର ପୂର୍ବାନୁମାନକୁ ସଂଶୋଧନ କରାଯାଇଛି। ଏସିଆ, ବିଶେଷ କରି ଚାଇନା ଏବଂ ଭାରତରେ ଦୃଢ଼ କାର୍ଯ୍ୟକଳାପ ଯୋଗୁଁ ଏହି ବୃଦ୍ଧି ଘଟିଛି। ଆଇଏମ୍‌ଏଫ୍ ରିପୋର୍ଟରେ କୁହାଯାଇଛି ଯେ, ଚଳିତବର୍ଷ ଭାରତରେ ଅଭିବୃଦ୍ଧିର ପୂର୍ବାନୁମାନକୁ ୭ ପ୍ରତିଶତକୁ ସଂଶୋଧନ କରାଯାଇଛି, ଯାହା ୨୦୨୩ରେ ଅଭିବୃଦ୍ଧିକୁ ଆହୁରି ଅଧିକ କରୁଛି ଏବଂ ବିଶେଷ କରି ଗ୍ରାମାଞ୍ଚଳରେ ଘରୋଇ ବ୍ୟବହାରର ଆକଳନ ପଛରେ ଘରୋଇ ଚାହିଦାରେ ଦୃଢ଼ତା ଏବଂ ଶକ୍ତି ଏବଂ କର୍ମଜୀବୀ ବୟସର ଜନସଂଖ୍ୟା ବୃଦ୍ଧିକୁ ଦାୟୀ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ - ୨୪ରେ ଭାରତର ଜିଡିପି ୮.୨ ପ୍ରତିଶତ ବୃଦ୍ଧି ପାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନଏସଓ) ଦ୍ୱାରା ପ୍ରକାଶିତ ଜିଡିପି ଅଭିବୃଦ୍ଧିର ଅସ୍ଥାୟୀ ଆକଳନ ଅନୁଯାୟୀ, ଚତୁର୍ଥ ତ୍ରୈମାସିକରେ ଆଶାଠାରୁ ଅଧିକ ୭.୮ ପ୍ରତିଶତ ଅଭିବୃଦ୍ଧି ଯୋଗୁଁ ଏହା ୨୦୨୨- ୨୩ ରେ ୭ ପ୍ରତିଶତ ତୁଳନାରେ ଅଧିକ ରହିଥିଲା।

ଉନ୍ନତ ସମ୍ଭାବନାକୁ ପ୍ରତିଫଳିତ କରୁଛି ବୋଲି ଆଇଏମଏଫ ରିପୋର୍ଟରେ କୁହାଯାଇଛି।

ଆଇଏମଏଫ ୨୦୨୫ ପାଇଁ ଭାରତର ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିବ ବୋଲି ଆକଳନ କରିଛି। ଏହାର ଅଭିବୃଦ୍ଧି

## ସୋନାଟା ପକ୍ଷରୁ ନୂଆ ପରିଚୟ ଓ ପ୍ରଡକ୍ଟ ରେଞ୍ଜ ଶୁଭାରମ୍ଭ

**ଭୁବନେଶ୍ୱର,୧୮।୭(ସମିସ):** ଟାଇଟାନ୍ କମ୍ପାନୀ ଲିମିଟେଡ୍ର ସର୍ବବୃହତ ବିକ୍ରି ହେଉଥିବା ହାତଘଣ୍ଟା ବ୍ରାଣ୍ଡ ସୋନାଟା ଏହାର ନୂଆ ବ୍ରାଣ୍ଡ ପରିଚୟ ଓ ଉତ୍ପାଦ ବର୍ଗମାଳା ଜରିଆରେ ବଜାରରେ ବିପ୍ଳବ ଆଣିବାକୁ ଲକ୍ଷ୍ୟ ରଖିଛି। ନୂଆ ପରିଚୟ ଡିଜାଇନକୁ ଏକ ନୂଆ ଦୃଷ୍ଟିକୋଣ ଦେବାକୁ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ କ୍ୟାରିୟର ଆରମ୍ଭ କରିବାକୁ ଯାଉଥିବା ଯୁବବର୍ଗଙ୍କ ଅଭିଳାଷ ପ୍ରତିଫଳିତ ହୋଇଛି। ଏହାର ଚମତ୍କାର ତଥା ସମସାମୟିକ ଡିଜାଇନ୍‌କୁ ନେଇ ନୂଆ ସୋନାଟା ବ୍ରାଣ୍ଡ ଉପସ୍ଥିତିକୁ ବଢ଼ାଇବ ଯାହା ଯୁବପିଢ଼ିଙ୍କୁ ବେଶ୍ ପସନ୍ଦ ଆସିବ। ଶିଳ୍ପର ଆକଳନ ଅନୁସାରେ ଭାରତରେ ୨୬ କୋଟି ଜିଲେନିଆଲ୍ (ଜେଡ୍ ପିଢ଼ି) ଗ୍ରାହକ ରହିଛନ୍ତି ଏବଂ ସେହି ସଂଖ୍ୟାରେ ବାର୍ଷିକ ୩ ରୁ ୪ ଲକ୍ଷ ବୃଦ୍ଧି ହେଉଛି। ନୂଆ ପିଢ଼ିର ଯୁବବର୍ଗ ଏବଂ ପୁରୁଣା ଯୁବବର୍ଗଙ୍କ ଭିତରେ ସେତୁ ହେଉଛନ୍ତି ଜିଲେନିଆଲ୍ ଯେଉଁମାନେ ସେମାନଙ୍କ ସ୍ୱତନ୍ତ୍ର ଅଭିଳାଷ ଜରିଆରେ ଅର୍ଥନୀତିକୁ ଆଗକୁ ବଢ଼ାଉଛନ୍ତି। ସେମାନେ ପାରମ୍ପରିକ ନିୟମ ପ୍ରତି ଆହ୍ୱାନ ସୃଷ୍ଟି କରୁଥିବା ବେଳେ ଭବିଷ୍ୟତ ଦୃଶ୍ୟପଟ୍ଟକୁ ଆକାର ପ୍ରଦାନ କରୁଛନ୍ତି।



## ପିଡିଲାଇଟ୍‌ର ହାଇସା ପେଣ୍ଟସ ପକ୍ଷରୁ ରଥଯାତ୍ରା ପାଳନ

**ଭୁବନେଶ୍ୱର,୧୮।୭(ସମିସ):** ଓଡ଼ିଶାର ସମୃଦ୍ଧ କଳା ପରମ୍ପରାକୁ ସମ୍ମାନ ଜଣାଇ ରଥଯାତ୍ରାରେ ହାଇସା ପେଣ୍ଟ ଉତ୍ସବରେ ନିଜକୁ ସାମିଲ କରିଛି। ହାଇସା ପେଣ୍ଟସ ହେଉଛି ପ୍ରମୁଖ ବ୍ରାଣ୍ଡ ଫେଭିକୋଲ୍ ଏବଂ ଡକ୍ଟର ଫିକ୍ସିଟ୍‌ର ନିର୍ମାତା ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ର ଏକ ପ୍ରକାର ପେଣ୍ଟ। ରଥଯାତ୍ରାରେ ହାଇସା ପେଣ୍ଟସ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇ ଅଗଣିତ ଶ୍ରଦ୍ଧାଳୁଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଷ୍ଟଲର ମୁଖ୍ୟ ଆକର୍ଷଣ ଥିଲା ଆଙ୍ଗୁଠି-ଷ୍ଟାମ୍ପ ଅଭିଯାନ ଯାହା ଜରିଆରେ ଓଡ଼ିଶାର କଳା ଓ କାରିଗରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ସହଯୋଗ କରିପାରିବେ। ଶ୍ରଦ୍ଧାଳୁଙ୍କ ପ୍ରତ୍ୟେକ ଆଙ୍ଗୁଠି ଷ୍ଟାମ୍ପ ପାଇଁ ହାଇସା ପେଣ୍ଟସ ପଟ୍ଟଚିତ୍ର କଳାରେ ରଘୁରାଜପୁରର କାରିଗରମାନଙ୍କୁ ପ୍ରଶିକ୍ଷଣ ଦେଉଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଉତ୍ସର୍ଗୀକୃତ ଲୋକ ସଂଗଠନ"କୁ ଦାନ କରିବ। ଏହି ଅବସରରେ ହାଇସା ପେଣ୍ଟସ ପକ୍ଷରୁ ଓଡ଼ିଶାର ପଟ୍ଟଚିତ୍ର, ଚାନ୍ଦୁଆ, କାଗଜ ମୁଖା ଓ ବନ୍ଧକଳା ଭଳି ଭିନ୍ନ ଭିନ୍ନ କଳା ଉପରେ ଆଲୋକପାତ କରି ନୂଆ ରଙ୍ଗପୁସ୍ତକ ଉନ୍ମୋଚିତ କରାଯାଇଛି।

## ରଥଯାତ୍ରାରେ ଜେଏସ୍‌ପି ଫାଉଣ୍ଡେସନ୍‌ର ସେବା ପ୍ରଦାନ

**ଭୁବନେଶ୍ୱର, ୧୮।୭(ସମିସ):** ପୂର୍ବ ବର୍ଷ ପରି ରଥଯାତ୍ରାରେ ଭକ୍ତମାନଙ୍କ ସେବା କରିବାର ପରମ୍ପରାକୁ ବଜାୟ ରଖି ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି) ର ସାମାଜିକ ଶାଖା ଜେଏସପି ଫାଉଣ୍ଡେସନ ପକ୍ଷରୁ ପୁରୀରେ ଆୟୋଜିତ ଗତ ରଥ ଯାତ୍ରାରେ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ୧୪.୨୬ ଲକ୍ଷରୁ ଅଧିକ ଦେୟମୁକ୍ତ ଭୋଜନ ବଣ୍ଟନ କରାଯାଇଛି। ୨୦୨୪ ଜୁଲାଇ ୬ ତାରିଖରୁ ଆରମ୍ଭ କରି ସୁନା ବେଶ ଦିନ ପର୍ଯ୍ୟନ୍ତ ୧୨ ଦିନ ଧରି ଫାଉଣ୍ଡେସନ ପକ୍ଷରୁ ଗୁଣ୍ଡିଚା ମନ୍ଦିର ନିକଟ ପୁରୀ ବସଷ୍ଟାଣ୍ଡରେ ପ୍ରତିଦିନ ପାରମ୍ପରିକ ଓଡିଆ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ୍ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି ଯେ, "ରଥଯାତ୍ରା ଆଧ୍ୟାତ୍ମିକତା, ଭକ୍ତି ଓ ଏକତାର ପ୍ରତୀକ। ଏହି ପବିତ୍ର ରଥଯାତ୍ରା ରେ ଖାଦ୍ୟ, ପାନୀୟ ଜଳ, ଓଆରଏସ୍ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା କରି ଭକ୍ତଙ୍କ ସେବା କରିବାର ସୁଯୋଗ ପାଇଥିବାରୁ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞ"। ସେବା ଯୋଗାଇବାରେ ସହଯୋଗ ନିମନ୍ତେ ସେ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ସ୍ୱେଚ୍ଛାସେବୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ସେବା ପାଇଁ ପୁରୀ ବସଷ୍ଟାଣ୍ଡରେ ଏକ ଅସ୍ଥାୟୀ ରୋଷେଇଶାଳା ଏବଂ ଭୋଜନ ପରିବେଷଣ କେନ୍ଦ୍ର ସ୍ଥାପନ କରାଯାଇଥିଲା। ଭକ୍ତମାନଙ୍କ ସେବା ପାଇଁ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ଏବଂ ଜେଏସପିର କର୍ମଚାରୀ ଏହି କେନ୍ଦ୍ରରେ ନିୟୋଜିତ ହୋଇ ସଦ୍ୟ ପ୍ରସ୍ତୁତ ରନ୍ଧା ଖାଦ୍ୟ ବଣ୍ଟନ କରୁଥିଲେ। ଖାଦ୍ୟ ପ୍ରସ୍ତୁତି ଏବଂ ବଣ୍ଟନରେ ପରିଚ୍ଛନ୍ନତା ଏବଂ ନିରାପତ୍ତା ମାନଦଣ୍ଡ ପାଳନ ନିମନ୍ତେ ଫାଉଣ୍ଡେସନ୍ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଥିଲା।



ବ୍ୟାଙ୍କ ଜାତୀୟକରଣକୁ ୫୫ ବର୍ଷ

# ଏକ ନିଷ୍ପତ୍ତି ବଦଳାଇଲା କୋଟି କୋଟି ଭାରତୀୟଙ୍କ ଜୀବନ

**ନୂଆଦିଲ୍ଲୀ,୧୮।୭(ଏଜେନ୍ସି):**

ଦେଶରେ ବ୍ୟାଙ୍କ ଜାତୀୟକରଣକୁ ପୁରିଛି ୫୫ ବର୍ଷ। ୧୯୬୯ର ଠିକ୍ ଏହି ଦିନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଥମ ଥର ପାଇଁ ଦେଶର ୧୪ ଟି ପ୍ରମୁଖ ବ୍ୟାଙ୍କର ଜାତୀୟକରଣ କରିଥିଲେ। ଏହାପରେ ୧୯୮୦ ମସିହାରେ ୬ଟି ବ୍ୟାଙ୍କ ପୁନର୍ବାର ସରକାରଙ୍କ ଅଧୀନକୁ ଆସିଲା। ଏହାପରେ ଦେଶର ଗରିବ ଲୋକେ ମଧ୍ୟ ବ୍ୟାଙ୍କ ସେବାରେ ସାମିଲ ହେଲେ। ଏହାପରେ ବ୍ୟାଙ୍କଗୁଡିକ ସହର ଛାଡି ଗାଁରେ ପହଞ୍ଚିଲେ। ସେତେବେଳେ ସରକାର ଦେଇଥିବା ଏଭଳି ଏକ ନିଷ୍ପତ୍ତି ବର୍ତ୍ତମାନ ବଦଳାଇ ଦେଇଛି କୋଟି କୋଟି ଭାରତୀୟଙ୍କ ଜୀବନ। ଅନ୍ୟ ଏକ ଯୋଜନା ମୁତାବକ ୨୦୧୭ରୁ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମିଶ୍ରଣ ଫଳରେ ଏବେ ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨ରେ ସୀମିତ ରହିଛି।

ସ୍ୱାଧୀନତା ପରେ ଦେଖାଗଲା ଯେ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଶିଳ୍ପପତିମାନଙ୍କ ମଧ୍ୟରେ ଏକ ପ୍ରକାର ଭିତିରି ବୁଝାମଣା ରହିଛି। ଏହି କାରଣରୁ ସାଧାରଣ ଲୋକେ ବ୍ୟାଙ୍କରୁ ପର୍ଯ୍ୟାପ୍ତ ସେବା ମିଳିପାରୁନାହିଁ। ବ୍ୟାଙ୍କ ଋଣ ପାଇବା କୃଷକମାନଙ୍କ ପାଇଁ ଏକ ସ୍ୱପ୍ନ। ଋଣ ଜମା ଅନୁପାତ କମ୍ ରହିଥିଲା। ଅଧିକାଂଶ ବ୍ୟାଙ୍କ ଶାଖା ମେଟ୍ରୋ ଆଉ ଛୋଟ ସହରଗୁଡିକରେ କେନ୍ଦ୍ରୀଭୂତ ହୋଇଥିଲା। ଗରିବ ଲୋକମାନେ ବ୍ୟାଙ୍କକୁ ଯାଇପାରୁ ନ ଥିଲେ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବ୍ୟାଙ୍କ ଜାତୀୟକରଣ ପ୍ରସଙ୍ଗ ଉଠାଇଥିଲା। ଏହାପରେ ୧୯୫୫ ମସିହାରେ ଇମ୍ପେରିଆଲ୍ ବ୍ୟାଙ୍କ ସରକାରୀ ବ୍ୟାଙ୍କରେ ପରିଣତ ହୋଇଥିଲା, ଯାହାକୁ ପରେ 'ଭାରତୀୟ ଷ୍ଟେଟ୍ ବ୍ୟାଙ୍କ' କୁହାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ୧୯୪୭ରୁ ୧୯୫୫ ମଧ୍ୟରେ ୩୬୦ଟି ଛୋଟ ବ୍ୟାଙ୍କ ଭୁଶୁଡି ପଡିଥିଲା, ଯେଉଁଥିରେ ଲୋକଙ୍କ ଜମା ଥିବା କୋଟି କୋଟି ଟଙ୍କା ବୁଡିଯାଇଥିଲା। ଅନ୍ୟପକ୍ଷରେ, କେତେକ ବ୍ୟାଙ୍କ କଳା ବଜାରି ଏବଂ ଜମାଖୋରି ବ୍ୟବସାୟରେ ଅର୍ଥ ବିନିଯୋଗ କରୁଥିଲେ। ତେଣୁ ସରକାର ସେମାନଙ୍କ ଦାୟିତ୍ୱ ନେବାକୁ ସ୍ଥିର କଲେ, ଯାହା ଦ୍ୱାରା ସେହି ବ୍ୟାଙ୍କଗୁଡିକୁ ସାମାଜିକ ବିକାଶ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇପାରିବ। ୧୯୬୯ ଜୁଲାଇ ୧୯ରେ ସରକାର ୧୪ ଟି ବଡ ବ୍ୟାଙ୍କର ଜାତୀୟକରଣ କରିବା ପରେ ୧୯୮୦ରେ ଆଉ ୬ ଟି ବ୍ୟାଙ୍କର ଜାତୀୟକରଣ କରାଯାଇଥିଲା। ଜାତୀୟକରଣ ପରେ ବ୍ୟାଙ୍କ ଶାଖା ବୃଦ୍ଧି ପାଇଲା। ସହର ଛାଡିବା ପରେ ବ୍ୟାଙ୍କଗୁଡିକ ଗାଁ ମୁହାଁ ହେଲେ। ଏକ ରିପୋର୍ଟ ଅନୁଯାୟୀ, ଜୁଲାଇ ୧୯୬୯ରେ ଦେଶରେ କେବଳ ୮୩୨୨ ବ୍ୟାଙ୍କ ଶାଖା ଥିରହିଲା। ୨୦୨୩ ସୁଦ୍ଧା ଏହି ସଂଖ୍ୟା ୮୫ ହଜାର ଅତିକ୍ରମ କରିଛି। ଏହାପରେ କୃଷକମାନେ ବ୍ୟାଙ୍କରୁ ଋଣ ପାଇବା ଆରମ୍ଭ କଲେ। ପ୍ରାଥମିକତା କ୍ଷେତ୍ରଗୁଡିକ ଗୁରୁତ୍ୱ ଦିଆଯିବା ସହ ଜାତୀୟକରଣ ପରେ କୃଷି କ୍ଷେତ୍ର, ଏମଏସଏମଇ, କ୍ଷୁଦ୍ର ବ୍ୟବସାୟୀ, ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ମିଳିଛି।




- ୧୯୪୭-୧୯୫୫ରେ ଭୁଶୁଡ଼ିପଡ଼ିଛି ୩୬୦ ଛୋଟ ବ୍ୟାଙ୍କ
- ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଂଖ୍ୟା ୧୨ରେ ସୀମିତ

## ବଜାରରେ ରୟାଲ ଏନ୍‌ଫିଲ୍ଡ ଗରିଲା ୪୫୦

**ଭୁବନେଶ୍ୱର,୧୮।୭(ସମିସ):** ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଏହାର ପ୍ରିମିୟମ ମଡର୍ଣ୍ଣ ରୋଡ୍‌ଷ୍ଟର- ରୟାଲ ଏନ୍‌ଫିଲ୍ଡ ଗରିଲା ୪୫୦ର ଶୁଭାରମ୍ଭ କରାଯାଇଛି। ଏକ ଉନ୍ନତ ଚାଳନା ଅନୁଭୂତି ଦେବା ପାଇଁ ସଠିକ୍ ଭାବେ ନିର୍ମିତ ଗରିଲା ୪୫୦ ଲମ୍ବା ଯାତ୍ରା, ଶୁଦ୍ଧ ଓ ପ୍ରାଥମିକ ଆନନ୍ଦ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। ରୟାଲ ଏନ୍‌ଫିଲ୍ଡ ଗରିଲା ଶୃଙ୍ଖଳାରେ ୩ଟି ଭାରିଆଣ୍ଟ ଯେପରିକି ଆନାଲଗ୍, ଡ୍ୟାଶ ଓ ଫ୍ଲାଶ୍ ରହିଛି ଏବଂ ୫ଟି ରଙ୍ଗ ମଧ୍ୟ ସାମିଲ ରହିଛି। ଭାରତ, ୟୁକେ ଓ ୟୁରୋପୀୟ ଦେଶଗୁଡିକରେ ଆଜିଠାରୁ ଏହାର ବୁକିଂ ଆରମ୍ଭ ହୋଇଛି ଏବଂ ଡେଲିଭରି ଅଗଷ୍ଟ ୨୦୨୪ରୁ ଆରମ୍ଭ ହେବ। ଏହି ମୋଟରସାଇକେଲ ଆସନ୍ତା ବର୍ଷ ପ୍ରାରମ୍ଭରେ ପର୍ଯ୍ୟାୟକ୍ରମେ ବିଶ୍ୱର ଅନ୍ୟ ଭାଗଗୁଡିକରେ ପହଞ୍ଚିବ। ଏହାର ଶୃଙ୍ଖଳାରେ ୫ଟି ଆକର୍ଷଣୀୟ କଲରରେ ୩ଟି ଭାରିଆଣ୍ଟ ଅନ୍ତର୍ଭୁକ୍ତ ରହିଛି। ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ଗରିଲା ୪୫୦ ସହିତ 'ବର୍ଡରଲେସ ୱାରେଣ୍ଟି ପ୍ରୋଗ୍ରାମ' ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ଚାଳକମାନଙ୍କୁ ସେମାନଙ୍କର ରୟାଲ ଏନ୍‌ଫିଲ୍ଡର ମୋଟରସାଇକେଲ ଉପରେ ବିନା ସୀମାରେ ଅଧିକ ଚାଳନା କରିବା ଓ ଆବିଷ୍କାର କରିବା ପାଇଁ ସ୍ୱାଧୀନତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଯାହା ୭୦ରୁ ଅଧିକ ଦେଶ ତଥା ବିଶ୍ୱବ୍ୟାପୀ ୩୦୦୦+ ସର୍ଭିସ ସେଂଟରର ଏକ ବିସ୍ତୃତ ନେଟୱର୍କ ଦ୍ୱାରା ସମର୍ଥିତ। ଗରିଲା ୪୫୦ ସମ୍ପର୍କରେ ମତ ରଖି ଆଇଚର ମୋଟର୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଲାଲ କହିଛନ୍ତି, ଗରିଲା ୪୫୦ ହେଉଛି ଆଧୁନିକ ରୋଡ୍‌ଷ୍ଟର ଉପରେ ଆମର ନୂତନ ମତାମତ ଏବଂ ଏହା ଯେଉଁଥିରେ ରୂପାନ୍ତରିତ ହୋଇଛି ତାହାକୁ ନେଇ ଆମେ ଖୁବ୍ ଖୁସି।



